## କେନ୍ଦେଇପଶି ଷ୍ଟାଡିୟମ କାମ ଆରମ୍ଭ

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ଷ୍ଟାଡ଼ିୟମ କାମ ମନ୍ଥର ଗତିରେ ଚାଲିଥିଲା। ନିର୍ମାଣ ଶୀଘ୍ର ସାରିବା ପାଇଁ ସ୍ଥାନୀୟ ବାସିନ୍ଦା ଓ କ୍ରୀଡ଼ାବିତ୍ ଦାବି କରିଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପାଟଣା ବ୍ଲକ୍ କେନ୍ଦେଇପଶି ସ୍କୁଲ ପଛପାର୍ଶ୍ୱ ଷ୍ଟାଡିୟମ ନିର୍ମାଣ ଶୁକ୍ରବାର ପୂର୍ବାହ୍ନରୁ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇଛି। ସ୍ଥାନୀୟ ଲୋକ ଓ ଖେଳାଳିଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।



**କେନ୍ଦୁଝର**

### ସଂକ୍ଷେପରେ

## ଡଅଁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଛେନାପଦି,୨୮।୩(ନିରାକାର ପରିଡା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଡଅଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚନ୍ଦ୍ରକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନ, ମୋ ସ୍କୁଲ ଅଭିଯାନର ସଭାପତି ରମେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଗୋଷ୍ଠୀ ସହ ଶିକ୍ଷାଧିକାରୀ ସୁରେଶ ଚନ୍ଦ୍ର ଜେନା, ମୁଖ୍ୟ ବକ୍ତାଭାବେ ପୂର୍ବତନ ପ୍ରଧାନଶିକ୍ଷକ ଶିଶିର ନାୟକ, ସମାନିତ ଅତିଥିଭାବେ ଶିକ୍ଷାବିତ୍ ପଦ୍ମନାଭ ନାୟକ, ପୂର୍ବତନ ପ୍ରଧାନଶିକ୍ଷକ ବାସୁଦେବ ନାୟକ, ସିଆରସିସି ଶ୍ରୀକାନ୍ତ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷୟିତ୍ରୀ ସୁଭଦ୍ରା ରାଉତ, ଜୟଶ୍ରୀ ପଣ୍ଡା, ଶିକ୍ଷାବିନ୍ଦୁ ଜେନା, ଶିକ୍ଷକ ରାଜେନ୍ଦ୍ର ବଳ, ଆନନ୍ଦ ଚନ୍ଦ୍ର ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ। ଏସ୍‌ଏମ୍‌ସିର ସଭାପତି ଅକ୍ଷୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ବଉଳା,୨୮।୩(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଣାମଠ ପରିସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପାର ପୂର୍ବତନ ରାଜ୍ୟ ସଭାପତି ଡା. ଦେବେନ୍ଦ୍ର ପ୍ରଧାନଙ୍କ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଆଲୋକ ସେଠୀଙ୍କ ଆବାହକତ୍ୱ ଓ ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଜିଲା ଭାଜପା ସଭାପତି ସୁକଦେବ ମହାନ୍ତ, ଭାଜପା ବରିଷ୍ଠ ନେତା ଭଗବାନ ସାହୁ, ଉଦୟନାଥ କର, ନିରାକାର ଦଳେଇ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ବୈଲୋଚନ ନାୟକ, ତୃପ୍ତିମୟୀ ଜେନା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ନିତ୍ୟାନନ୍ଦ ପହି, ନିକୁଞ୍ଜ ବିହାରୀ ଓଝା, ଜ୍ଞାନରଞ୍ଜନ ସାମନ୍ତସିଂହାର, ହରମୋହନ ଶାସିନି, ମିନତି ମହାପାତ୍ର, ସୁଶାନ୍ତ ଜେନା, ସୁନିଲ ନାୟକ, ରୁଦ୍ର ପ୍ରସାଦ ଜେନା, ରାଜେନ୍ଦ୍ର ରାଉତ, ଦେବାଶିଷ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ଖଣିଜଗଦାରୁ ପୁଣି ଚୋରି

■ଟ୍ରକ୍ ଜବତ, ଡ୍ରାଇଭର ଫେରାର
■ପୋଲିସ ଧରୁଛି, ଖଣିଜ ବିଭାଗ କାର୍ଯ୍ୟାନୁଷ୍ଠାନ ଶୂନ୍ୟ

ଯୋଡ଼ା,୨୮।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ବେହେରାହାଟିଂଠାରେ ଥିବା ଏକ ପରିତ୍ୟକ୍ତ କ୍ରଶରରେ ଗଦାହୋଇଥିବା ଖଣିଜ କ୍ରମାଗତ ଚୋରିହେଉଛି। ପୂର୍ବରୁ ପୋଲିସ ୨ ଥର ଚଢ଼ାଉକରି ଟ୍ରକ୍ ଜବତ କରିଥିଲା। ଗୁରୁବାର ରାତିରେ ପୁଣି ଚୋରି ବେଳେ ପୋଲିସ ଚଢ଼ାଉକରି ଟ୍ରକ୍ ଜବତ କରିଛି। ଟ୍ରକ୍‌ରେ ଥିବା ଖଣିଜ ଜବତ କରି ତଦନ୍ତ କରୁଛି। ଉକ୍ତ ସ୍ଥାନରୁ ବାରମ୍ବାର ଚୋରି ହେଉଥିଲେ ବି ଖଣି ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ଉକ୍ତ କ୍ରଶରରୁ ଚୋରା ଖଣିଜ ପରିବହନ ପାଇଁ ଟ୍ରକ୍ ନିୟୋଜିତ ହୋଇଥିଲା। ବିଶେଷ ସୂତ୍ରରୁ ଖବର ପାଇ ଯୋଡ଼ା ପୋଲିସ ଘଟଣାସ୍ଥଳରେ ଅତର୍କିତ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଖଣିଜ ଚୋରା ବ୍ୟବସାୟୀ ଦୌଡ଼ି ପଳାଇଥିଲେ। ଚୋରା ଖଣିଜ ବୋଝେଇ ହୋଇଥିବା ଟ୍ରକ୍ (ନଂ. ଟିଏସ୍ ୩୫ଟି ୩୩୩୯)ର ଡ୍ରାଇଭର ସେଠାରୁ ଦ୍ରୁତଗତିରେ ଟ୍ରକ୍ ନେଇ ପଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର



ଜବତ ଖଣିଜ ବୋଝେଇ ଟ୍ରକ୍।

ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ ଏକ ଖାଲରେ ପଶିଯାଇଥିଲା। ଡ୍ରାଇଭର ଟ୍ରକ୍ ଛାଡ଼ି ଚମ୍ପଟ ମାରିଥିବା ବେଳେ ପୋଲିସ ଟ୍ରକ୍ ଜବତ କରିଛି। ଟ୍ରକ୍‌ରେ ପ୍ରାୟ ୨୨ ମେଟ୍ରିକ ଟନ ଲୁହାପଥର ବୋଝେଇ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଯୋଡ଼ା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ କହିଛନ୍ତି, ଖଣିଜ ଚୋରା କାରବାରରେ ସମ୍ପୃକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି। ଚୋରା କାରବାର ନେଇ ସୁରାକ ମିଳୁ ନ ଥିବାରୁ ଏହାର ଅଧିକ ଅନୁସନ୍ଧାନ ଚଳାଇଛି। ଯୋଡ଼ା ଖଣି ଉପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଖଣି ଅଧିକାରୀ ଦୀପକ କୁମାର ଧୁରୁଆ ଖଣି ନିରୀକ୍ଷକଙ୍କ ସହ ଆସି ସରଜମିନ ତଦନ୍ତ କରିଥିଲେ। ଏ ନେଇ ଉକ୍ତ କ୍ରଶରର ମାଲିକଙ୍କୁ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟରୁ ସୁରକ୍ଷା କର୍ମୀ ନିୟୋଜିତ କରିବା ପାଇଁ କୁହାଯାଇଥିବା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଥିଲେ। ପରବର୍ତ୍ତୀ ସମୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପରିତ୍ୟକ୍ତ କ୍ରଶରରେ ଗଦାହୋଇଥିବା ମୂଲ୍ୟବାନ୍ ଖଣିଜ ଚୋରି ହେବାରେ ଲାଗିଛି। ଏତଦ୍‌ବ୍ୟତୀତ ସମ୍ପୃକ୍ତ କ୍ରଶର ମାଲିକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉନାହିଁ ଏବଂ କ୍ରଶରରେ ଖଣିଜର ଓପନିଂ ଷ୍ଟକ୍ ଓ ବାଲାନ୍ସ ଷ୍ଟକ୍ ଖଣି ବିଭାଗ ଦ୍ୱାରା ଯାଞ୍ଚ କରାଯାଉନାହିଁ, ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଗତ ୩ ମାସ ଧରି ଏହି ପରିତ୍ୟକ୍ତ କ୍ରଶରରୁ ଅନବରତ ଖଣି ଚୋରି ହେଉଛି। ଫେବୃଆରୀ ୧୭ରେ ଗୋଟିଏ ଟ୍ରକ୍ ଜବତ ହୋଇଥିବା ବେଳେ ୨୮ ତାରିଖ ଦିନ ୨ଗାଡ଼ି ଜବତ ହୋଇଥିଲା। ଏଥିସହ ନକଲି ଚାଲାଣ ପୋଲିସ ଜବତ କରିଥିଲା। ଘଟଣାରେ ଏପର୍ଯ୍ୟନ୍ତ କେହି ଗିରଫ ହୋଇନାହାନ୍ତି। ଯୋଡ଼ାରୁ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗକୁ ଚୋରା ଖଣିଜ ପରିବହନ ହେଉଥିବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

## ବାଲିଚାଲାଣକୁ ନେଇ ସୀମାନ୍ତରେ ଉତ୍ତେଜନା

ଆନନ୍ଦପୁର,୨୮।୩(ସୁଶାନ୍ତ କୁମାର ସାହୁ)

**୨ ବାଲି ବୋଝେଇ ଡମ୍ପର ଜବତ**

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଶାଳଦେଇ ପଞ୍ଚାୟତ ଓଡ଼ପଡ଼ା ଏବଂ ଯାଜପୁର ଜିଲା ରଣପୁର ଗାଁ ମଧ୍ୟରେ ବେଆଇନ ବାଲିଚାଲାଣକୁ ନେଇ ଉତ୍ତେଜନା ଲାଗିରହିଛି। ଗୁରୁବାର ରାତିରେ ଓଡ଼ପଡ଼ା ଗ୍ରାମବାସୀ ୨ ଗାଡ଼ି ଜବତ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ୨ ଡମ୍ପର ଜବତ କରି ତଦନ୍ତ କରୁଛି।

ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ଓଡ଼ପଡ଼ା ଗାଁ ସୀମାରୁ ବାଲି ଉତ୍ତୋଳନ ହେଉଥିବା ଖବରପାଇ ଗ୍ରାମର ଶତାଧିକ ଲୋକ ୨ ଡମ୍ପର(ନଂ. ଓଆର ୦୯ ଏଫ ୧୧୭୪ ଏବଂ ଓଆର ୧୬ ସି ୨୪୦୫) ଅଟକ ରଖି ରାମଚନ୍ଦ୍ରପୁର ପୋଲିସ ଜିମା ଦେଇଛନ୍ତି। ୨ ଗାଡ଼ି ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଗାଡ଼ିରେ କୌଣସି ବୈଧ କାଗଜପତ୍ର ନ ଥିବାରୁ ପୋଲିସ ଅଧିକ ତଦନ୍ତ କରୁଛି। ବାଲିଗାଡ଼ି ଜବତ ଘଟଣାକୁ ନେଇ ୨ ଜିଲାର ସୀମାନ୍ତ ଗାଁରେ ଚାପା ଉତ୍ତେଜନା ଲାଗି ରହିଛି। ବୈତରଣୀ ନଦୀ ଅବବାହିକାରେ ଥିବା ଓଡ଼ପଡ଼ା ଗାଁ ତଟରୁ ବେଆଇନ ବାଲି ଉତ୍ତୋଳନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ବୋଲି ଗାଁର ମୁରବୀ ମାଧବାନନ୍ଦ ଭଞ୍ଜ, କୁଳମଣି ଦାସ ପ୍ରମୁଖ ଦାବି କରିଛନ୍ତି। ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ ସ୍ୱାଇଁ କହିଛନ୍ତି, ଉଭୟ ପକ୍ଷଙ୍କୁ ବୁଝାଶୁଝା ପରେ ଘଟଣାସ୍ଥଳରେ ପରିସ୍ଥିତି ଶାନ୍ତ ରହିଛି।

## ଜାମ ପ୍ରବେଶିକା ପରୀକ୍ଷାରେ କୈରାଳି କଲେଜର ସଫଳତା



ଖୁସନୁମା ଗୁଲବୁନ



ଅଙ୍କିତା ଦାସ



ତପନ ବେହେରା

ଚମ୍ପୁଆ,୨୮।୩(ମହେଶ୍ୱର ଦାସ)

ଦିଲ୍ଲୀ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ଆଇଆଇଟି-ଜାମ ୨୦୨୫ର ପରୀକ୍ଷା ଫଳ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ଚମ୍ପୁଆସ୍ଥିତ କେରଳା ୱେଲ୍‌ଫେୟାର ଆଣ୍ଡ ଏଜୁକେଶନାଲ ଡେଭ୍‌ଲପମେଣ୍ଟ ଟ୍ରଷ୍ଟ ଦ୍ୱାରା ପରିଚାଳିତ କୈରାଳି ଯୁକ୍ତ ୩ ବିଜ୍ଞାନ ମହାବିଦ୍ୟାଳୟର ତୃତୀୟ ବର୍ଷ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଛାତ୍ର ତପନ କୁମାର ବେହେରା ୯୦୧, ଛାତ୍ରୀ ଅଙ୍କିତା ଦାସ ୧୮୧, ଖୁସନୁମା ଗୁଲବୁନ ୬୨୬ ର୍‍ୟାଙ୍କରେ ସ୍ଥାନ ଅଧିକାର କରି ମହାବିଦ୍ୟାଳୟକୁ ଗୌରାବାନ୍ୱିତ କରିଛନ୍ତି। ସଫଳତାରେ ପରିଚାଳନା ପ୍ରମୁଖ ଡଃ ରାଜମୋହନ ପିଏସ. ସମ୍ପାଦିକା ଉମା ରାଜମୋହନ, ପରିଚାଳକ ମୂରଲୀଧରନ କେଏସ, କାର୍ଯ୍ୟାଳୟ ପ୍ରମୁଖ ଦୈତାରୀ ସାହୁ, ମହାବିଦ୍ୟାଳୟ ଅଧକ୍ଷ ଡ. ବି ରାମାରାଜୁ, ପ୍ରଧାପକ ଗିରିଜା ଶଙ୍କର କର ଓ ସମସ୍ତ ଅଧାପକ ଅଧାପିକା ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥିସହ ବିଭାଗୀୟ ଅଧାପିକା ଡ. ଶୁଭସ୍ମିତା ବରାଳ ଓ ଅଧାପକ ଦୀପ୍ତିରଞ୍ଜନ ମହାନ୍ତଙ୍କୁ ଶୁଭେଛା ପ୍ରଦାନ କରାଯାଇଥିଲା।

## ଚିରସ୍ଥାୟୀ ଅମଳ ପ୍ରକ୍ରିୟା ତାଲିମ

ଛେନାପଦି,୨୮।୩(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ କେ.ବାଲିପାଳଠାରେ ଚିରସ୍ଥାୟୀ ଅମଳ ପ୍ରକ୍ରିୟା ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ଓ ଜଙ୍ଗଲ ପରସ୍ପର ପରିପୂରକ ଅଟନ୍ତି। ମୌସୁମୀ ତଥା ଲଘୁଚାପ ବର୍ଷାରେ ଚାଷୀ ନିଜକୁ ଭରଷା କରିପାରୁ ନ ଥିବା ବେଳେ ୨ୟ ଜୀବନ ଜୀବିକା ଭାବେ ଜଙ୍ଗଲ ଫସଲକୁ ୬ ମାସ ପାଇଁ ଭରଷା କରିଥାଏ। ଏଣୁ ସମସ୍ତ ସଂଗ୍ରହକାରୀଙ୍କୁ ଚିରସ୍ଥାୟୀ ଅମଳ ପଦ୍ଧତି ଉପରେ ଆର୍‌ସିଡ଼ିସି ଅନୁଷ୍ଠାନ ଦ୍ୱାରା ତାଲିମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ, ପଞ୍ଚାୟତର ଆଦିବାସୀ ମୁଖ୍ୟତଃ ଶାଳପତ୍ର, ମହୁଲ, ଟୋଲ, କୁସୁମ, ଚାର, କେନ୍ଦୁ ଆଦି ସଂଗ୍ରହ କରି ବିକ୍ରିବଟା କରିଥାନ୍ତି। ଏବେ ମହୁଲ ଫୁଲ ସଂଗ୍ରହ ଋତୁ ଚାଲିଥିବାରୁ ଗଛ ତଳେ ନିଆଁ ନ ଲଗାଇବା, ଗଛରୁ ଡାଳ ନ କାଟି କିପରି ମହୁଲ ଫୁଲ ସଂଗ୍ରହ କରିହେବ ସେନେଇ ତାଲିମ ପ୍ରଦାନରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଶାଳପତ୍ର କେଉଁ ଋତୁରେ ଆଣିବେ କେଉଁ ଋତୁରେ ଆଣିବେ ନାହିଁ ଓ ଗଛକୁ କ୍ଷତି ନ ପହଞ୍ଚାଇ କିପରି ସଂଗ୍ରହ କରିବେ ତାହା ଅବଗତ କରାଯାଇଥିଲା। ଏବେ ପ୍ରବଳ ଉତ୍ତାପ ଜନିତ ଖରା ସହ ନିଆଁ ଦାଉରୁ ସ୍ଥାନୀୟ ବାସିନ୍ଦା କିପରି ଜଙ୍ଗଲକୁ ରକ୍ଷା କରିବେ ସେଥିପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଥିଲେ। ୬୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଯୋଗଦେଇ ପରସ୍ପର ମଧ୍ୟରେ ଅନେକ ଉପାଦେୟ ସୂଚନା ବିନିମୟ କରିଥିଲେ। କାର୍ଯ୍ୟକ୍ରମକୁ ଆର୍‌ସିଡ଼ିସି ଅନୁଷ୍ଠାନର ପରିଚାଳକ ଆନନ୍ଦ ଚନ୍ଦ୍ର ସେଠୀ ସଂଯୋଜନା ସହ ପରିଚାଳନା କରିଥିଲେ। ଏଥିରେ ଯୁବ ସଂଗ୍ରହକାରୀ ସୂର୍ଯ୍ୟା ହେମ୍ବ୍ରମ, ସାଉଁରି ପୂର୍ତ୍ତି, ଗୁରୁବାରି ପୂର୍ତ୍ତି, ସାଦ ହୋ, ଗୁରୁଚରଣ ମହାକୁଡ଼, ସୁନାରାମ ପୂର୍ତ୍ତି, ଚୈତନ୍ୟ ସୁରିନ, ତୁରାମ ହେମ୍ବ୍ରମ ଓ ବିର୍ସା ପୂର୍ତ୍ତି ନିଜ ନିଜର ଅଭିଜ୍ଞତାରୁ ଚିରସ୍ଥାୟୀ ଅମଳ ପ୍ରକ୍ରିୟାକୁ ବଖାଣି ଥିଲେ। ସ୍ୱେଚ୍ଛାସେବୀ ବୁଧିରାମ ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଚବିଶ ପ୍ରହର ନାମଯଜ୍ଞ

ପାଟଣା,୨୮।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଗୁଲୁଦିପଶି ଗ୍ରାମରେ ଶୁକ୍ରବାରଠାରୁ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ସକାଳୁ ଗ୍ରାମର ମହିଳା ପୁରୁଷ ଗ୍ରାମ ନିକଟସ୍ଥ ଘୁଣ୍ଟିନାଳରୁ ଘଟରେ ପାଣିନେଇ ଭଜନ କୀର୍ତ୍ତନ କରି ନାମଯଜ୍ଞ ମଣ୍ଡପକୁ ଆଣିଥିଲେ। ପୂଜକ ଭାବେ ପଣ୍ଡିତ ତରୁଣ କୁମାର ତ୍ରିପାଠୀ ନୀତିକାନ୍ତିରେ ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ସଂକଳ୍ପରେ କର୍ତ୍ତାଭାବେ ଡ୍ରାଇଭର ଦାସ, ଜୟକୃଷ୍ଣ ବାରିକ ନିରଞ୍ଜନ ବାଇକ, ବିରଞ୍ଚି ବାରିକ ପ୍ରମୁଖ ନୀତି ସମ୍ପାଦନ କରୁଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ସୁନାମ ଧନ୍ୟ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରି ନାମ ସଂକୀର୍ତ୍ତନ ପରିବେଷଣ କରିବା ନେଇ ଧାର୍ଯ୍ୟ ହୋଇଛି।

**ମୟୂରଭଞ୍ଜ**

## ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ ସଭା

ଉଦଳା,୨୮।୩(ସନ୍ତୋଷ କୁମାର ବାଛିନୀ)- ଉଦଳା ବ୍ଲକ ଅଧୀନ ଡିହିରାକୁଲ ଗ୍ରାମରେ ଥିବା ଶ୍ରୀ ଜଗନ୍ନାଥ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ଅପରାହ୍ନ ୫ଟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କପ୍ତିପଦା ଉପଖଣ୍ଡର ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା, ସମ୍ମାନୀତ ଅତିଥି ଅଶୋକ କୁମାର ଦାସ, ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ନାଥ ଦାସ, ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ପାତ୍ର ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଗଙ୍ଗାଧର ସେନାପତି ବାର୍ଷିକ ବିବରଣୀ ପଠନ କରିଥିଲେ। ଶିଶୁ ମନ୍ଦିରର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁନି ଉଦ୍‌ଘୋଷିକା ପ୍ରିୟା ପ୍ରମୋଦିନୀ ସାହୁଙ୍କ ମିଠା ମିଠା କଥା ସମସ୍ତଙ୍କ ହୃଦୟକୁ ଛୁଇଁଥିଲା। ଅଭିଭାବକ ଭରତ ବେହେରା, ଗୌତମ ହାତୀ, ନିହାର ସାହୁ, ଅନ୍ତର୍ଯ୍ୟାମୀ ପାତ୍ର, ଜୟନ୍ତ କୁମାର ବେହେରା, ରତ୍ନାକର ହାତୀ ଓ ଶିଶୁ ମନ୍ଦିରର ଗୁରୁମା ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ, ୪ ଗିରଫ



ମୋରଡ଼ା,୨୮।୩(ସ୍ମାରକ ମାଝୀ)- ମୟୂରଭଞ୍ଜ ଜିଲା ମୋରଡ଼ା ପୋଲିସ ଶୁକ୍ରବାର ଦୁଇଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଟ୍ରାକ୍ଟର ମାଲିକ କ୍ଷିତୀଶ ଚନ୍ଦ୍ର ସେଠୀ ଓ ଡ୍ରାଇଭର ରାମଚନ୍ଦ୍ର ହେମ୍ବ୍ରମ ଏବଂ ଅନ୍ୟ ଏକ ଟ୍ରାକ୍ଟର ମାଲିକ ଶ୍ୟାମସୁନ୍ଦର ମାର୍ଣ୍ଡି ଓ ଡ୍ରାଇଭର ହିମାଂଶୁ ମାର୍ଣ୍ଡି। ଏନେଇ ମୋରଡ଼ା ଥାନାରେ ଦୁଇଟି ମାମଲା(ନଂ. ୮୪/୨୫) ଏବଂ (ନଂ. ୮୫/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଜମ୍ବୀରା ନଦୀର ଶିଳଦା-ପାଟପୁର ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚୋରା ଚାଲାଣ ହେଉଥିବା ବେଳେ ଖବରପାଇ ପୋଲିସ ଚଢ଼ାଉ କରିଥିଲା।

## ଅଟକାଇ ଦେଲା ଗଛ

# ଝୁଲି ରହିଲା ଆମ୍ବୁଲାନ୍ସ



ଦୁର୍ଘଟଣାଗ୍ରସ୍ତ ୧୦୮ ଆମ୍ବୁଲାନ୍ସ।

ଉଦଳା,୨୮।୩
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ସୋନ ନଦୀ ପୋଲ ନିକଟରେ ଶୁକ୍ରବାର ଭୋର ପ୍ରାୟ ସାଢ଼େ ୫ଟା ସମୟରେ ଏକ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ପୋଲ ଉପରୁ ତଳକୁ ଖସୁଥିବା ସମୟରେ ଭାରସାମ୍ୟ ହରାଇ ଆମ୍ବୁଲାନ୍ସଟି ଏକ ଗଛରେ ପିଟି ହୋଇ ଝୁଲି ରହିଥିବା ଦେଖିବାକୁ ମିଳିଥିଲା। ଉଦଳା ଥାନା ଶ୍ରୀଦାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏହି ଆମ୍ବୁଲାନ୍ସଟି କୁଆମରା ଅଞ୍ଚଳରୁ ରୋଗୀ ନେଇ ବାଲେଶ୍ୱର ଜିଲା ଚିକିତ୍ସାଳୟକୁ ଯାଇଥିଲା। ରାତି ୨ଟାରେ ବାଲେଶ୍ୱରରେ ରୋଗୀଙ୍କୁ ଛାଡ଼ି ନୀଳଗିରି-କପ୍ତିପଦା ହୋଇ ଶ୍ରୀଦାମଚନ୍ଦ୍ରପୁର ଫେରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆମ୍ବୁଲାନ୍ସ ଡ୍ରାଇଭର ମଙ୍ଗଳ ଚରଣ ସିଂ, ହେଲପର ହେମନ୍ତ ମହାନ୍ତ ଏବଂ ଫାର୍ମାସିଷ୍ଟ ରବୀନ୍ଦ୍ର ମହାନ୍ତ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି।

## କିଶୋରୀ ବାଳିକା ଶିକ୍ଷା କାର୍ଯ୍ୟକ୍ରମ

ବାରିପଦା,୨୮।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟରେ କିଶୋରୀ ବାଳିକା ଶିକ୍ଷା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମୀନାରାଣୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାରିପଦା ବ୍ଲକ ମେଡିକାଲ ସୁପରଭାଇଜର ପ୍ରଦ୍ୟୁତନ ମହାରଣା ଓ ଏଏନ୍‌ଏମ୍ ତିରୁପତି ଦାସ ଯୋଗଦେଇ ଛାତ୍ରୀମାନଙ୍କର କୈଶୋରୀ ଅବସ୍ଥା ସମୟରେ ଶାରିରିକ ଓ ମାନସିକ ଅବସ୍ଥାରେ ହେଉଥିବା ପରିବର୍ତ୍ତନ ବିଷୟରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସିଲିସ୍ୱପ୍ନା ପଟ୍ଟନାୟକ ଛାତ୍ରୀମାନେ କିପରି ସୋସିଆଲ ମିଡିଆରୁ ନିଜକୁ ଦୂରରେ ରଖିବେ ସେ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷୟିତ୍ରୀ ଧରିତ୍ରୀ ମହାନ୍ତଙ୍କ ସଂଯୋଜନାରେ ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କୁ ନେଇ ଯୋଗ ଓ ପ୍ରାଣାୟମ କାର୍ଯ୍ୟକ୍ରମ କରାଯାଇଥିଲା। ପରିଶେଷରେ ପୋଷଣୀୟ ଖାଦ୍ୟ ମେଳା ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆଶ୍ଚର୍ଯ୍ୟ ସେଜପଡ଼ା ଯୋଗଦେଇ ଖାଦ୍ୟର ଗୁଣବତ୍ତା ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟର ସାହିତ୍ୟ ଶିକ୍ଷୟତ୍ରୀ ମୋନାଲିସା ମାଶନ୍ତ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଇଂରାଜୀ ଶିକ୍ଷୟିତ୍ରୀ ନିକିତା ବଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମାନସୀ ଉପାଧ୍ୟାୟ, ମେରିନା ଦାସ, ନିବେଦିତା ବେହେରା ଓ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସେକ ଫାଇଜାନ ୱାଲ୍ଲା, କୃଷ୍ଣମୋହନ ଗିରି, ସସ୍ମିତ ମହାପାତ୍ର, ବାଦଲ ଦଣ୍ଡପାଟ, ମମତା ସୋରେନ ପ୍ରମୁଖ ସହଯୋଗ କରିଥିଲେ।



ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ଯୋଗାଭ୍ୟାସ କରୁଛନ୍ତି।

## ରୂପାନ୍ତର ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

ବାରିପଦା,୨୮।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବିଶ୍ୱ ନାଟ୍ୟ ଦିବସ ଅବସରରେ ଭଞ୍ଜପୁରସ୍ଥିତ ହରିହର କଳାମନ୍ଦିର ପରିସରରେ ରୂପାନ୍ତର ନାଟ୍ୟାନୁଷ୍ଠାନ ପକ୍ଷରୁ ବିଶ୍ୱ ନାଟ୍ୟଦିବସ ପାଳିତ ହୋଇଯାଇଛି। ସାମ୍ପ୍ରତିକ ସମାଜରେ ମଞ୍ଚ ନାଟକର ସ୍ଥିତି ତଥା ଆଗାମୀ ଦିନରେ ମଞ୍ଚ ନାଟକ କିପରି ଦର୍ଶକଙ୍କ ଦ୍ୱାରା ଅଧିକ ଆଦୃତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରଯାଇଥିଲା। ଆସନ୍ତା ଏପ୍ରିଲ ୨୭ରେ ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଅନୁଷ୍ଠାନ ଦ୍ୱାରା ବସନ୍ତ ଉତ୍ସବର ଆୟୋଜନ କରାଯାଇ ଅପଦାର୍ଥ ନାମକ ଏକ ନାଟକ ପରିବେଷଣ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଉକ୍ତ ନାଟକକୁ ଭାସ୍କର ଚନ୍ଦ୍ର ମହାପାତ୍ର ରଚନା କରିଥିବା ବେଳେ ପରେଶ ସାହୁ ନିର୍ଦ୍ଦେଶନା ଦେଇଛନ୍ତି। ଏହି ନାଟ୍ୟ ଦିବସ ପାଳନ ଅବସରରେ ପ୍ରତିଷ୍ଠିତ ଗୀତିକାର ସ୍ୱର୍ଗତ ସଂଗ୍ରାମ କେଶରୀ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରଯାଇଥିଲା। ସଂଗ୍ରାମ କେଶରୀ ସ୍ମୃତି ସମ୍ମାନ ନାମରେ ଏକ ପୁରସ୍କାର ମଧ୍ୟ ଘୋଷଣା କରାଯାଇଥିଲା। ଚଳିତ ବର୍ଷ ୨୦୨୫ ମସିହା ପାଇଁ ବିଶିଷ୍ଟ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଉପାଧକ୍ଷା ଡ. ଦମୟନ୍ତୀ ବେଶ୍ରା ଏବଂ ଅଧକ୍ଷ ବିରେନ୍ଦ୍ରନାଥ ସାହୁ ଜଣାଇଛନ୍ତି। ଉକ୍ତ ସଭାରେ ରୂପାନ୍ତରର ସଭ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ଦାସ, ଦୀପକ ପାଣି, ଅଭିମନ୍ୟୁ ମହାନ୍ତି, କାହ୍ନୁ ଚରଣ ବଶା, ସପନ ପଣ୍ଡା, ବିଶ୍ୱମ୍ଭର ସିଂହ, ଦିନେଶ ସାହୁ, ଅପୂର୍ବା ସାହୁ, ମଦନ ଜେନା, ମୁନା ଗୁପ୍ତା, ରବୀନ୍ଦ୍ର ବେହେରା, ନାରାୟଣ ମଣ୍ଡଳ ଏବଂ ଶୁଭେନ୍ଦୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଏଡ୍‌ସ ସଚେତନତା ଦିବସ

ବୈଶିଙ୍ଗା,୨୮।୩(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ନେତୃତ୍ୱରେ ଶୁକ୍ରବାର ମଧ୍ୟାହ୍ନ ୧୨ଟା ସମୟରେ ଏଡ୍‌ସ ସଚେତନତା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ବୀରେନ୍ଦ୍ର କୁମାର ବେହେରା ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଦ୍ୟୁମ୍ନ ରଞ୍ଜନ ମଣ୍ଡଳ ଯୋଗଦେଇ ଜୀବନରେ କର୍ମର ମହତ୍ତ୍ୱ ଓ ଏହାର ଫଳାଫଳ ସମ୍ପର୍କରେ ସୂଚନା ଦେଇ ପିଲାମାନଙ୍କୁ ଏଡ୍‌ସ ରୋଗ ସମ୍ପର୍କରେ ସଚେତନ କରାଇଥିଲେ। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଦେବବ୍ରତ ରାଉତ ଏଡ୍‌ସର କାରଣ, ପ୍ରଭାବ ଓ ନିରାକରଣ ବିଷୟରେ ସବିଶେଷ ଜ୍ଞାନ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପିକା ମିନାକ୍ଷୀ ଦାସ ଜୀବନକୁ ଯୋଗ ମାର୍ଗରେ ନେଇ ନିଜେ ଏଡ୍‌ସ ସମ୍ପର୍କରେ ଜାଣି ଅନ୍ୟକୁ କିପରି ସଚେତନ କରାଯାଇ ପାରିବ ସେ ସମ୍ପର୍କରେ ବୁଝାଇଥିଲେ। ବିଦ୍ୟାଳୟର ରେଡ୍‌କ୍ରସ ମୁଖ୍ୟ ମହେନ୍ଦ୍ର କୁମାର କର ଏହି ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ବୈଠକ

ବାରିପଦା,୨୮।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଚନ୍ଦନପୁର(ନୂତନ) ଆଶ୍ରମ ବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଣତ୍ରୀ କ୍ଲଷ୍ଟର ସିଆର୍‌ସିସି ପ୍ରଦୀପ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚନ୍ଦନପୁର ପଞ୍ଚାୟତ ସରପଞ୍ଚ ହରିଶଚନ୍ଦ୍ର ମୁର୍ମୁ, ସ୍ୱତନ୍ତ୍ର ଅତିଥି ଭାବେ ଡା. ସବ୍ୟସାଚୀ ପ୍ରଧାନ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାସନ୍ତୀ ସିଂ, ଖବରଦାତା ନିରଞ୍ଜନ ମହାନ୍ତ, ଚନ୍ଦନପୁର ସିଏଚଓ ସ୍ୱାଗତିକା ପ୍ରଧାନ, ଶିକ୍ଷା କମିଟିର ସଭାପତି ଧାନାୟ ମାଝୀ ପ୍ରମୁଖ ଯୋଗଦେଇ ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଭୂୟାଁ ବିଦ୍ୟାଳୟର ସମସ୍ତ ତଥ୍ୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ରାମଚନ୍ଦ୍ର ସିଂ ବିଦ୍ୟାଳୟର ହଷ୍ଟେଲ ବ୍ୟବସ୍ଥା, ଶିକ୍ଷକ ଅଭିମନ୍ୟୁ ସାତୁଆ ମନିଟରିଂ ଓ ସରକାରୀ ବୃତ୍ତି ବ୍ୟବସ୍ଥା, ସହ ଶିକ୍ଷକ ଚିନ୍ମୟ ଆରୁଖ କାର୍ଯ୍ୟକ୍ରମ ଓ କ୍ୟାରିୟର କାଉନସେଲିଂ ବ୍ୟବସ୍ଥା, ଶିକ୍ଷକ ଦେବଦତ୍ତା ପତି ସୁରକ୍ଷା ଓ ନିରାପତ୍ତା ତଥା ଜୀବନ କୌଶଳ ସମ୍ପର୍କିତ ଶିକ୍ଷା ପ୍ରଦାନ କରିଥିଲେ। ସରକାରଙ୍କ ଜାତୀୟ ଶିକ୍ଷାନୀତି ତଥା ପ୍ରବେଶ ଉତ୍ସବ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରାଯାଇଥିଲା। ବିଦ୍ୟାଳୟରେ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକ ପ୍ରଦର୍ଶିତ ହେବା ସହିତ ପିଲାମାନଙ୍କ କଳାକୃତିର ଏକ ପ୍ରଦର୍ଶନୀ କରାଯାଇଥିଲା। ମା'ମାନଙ୍କୁ ନେଇ ଏକ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଆଦିବାସୀ, ଦେଶାତ୍ମକବୋଧ ଓ ଝୁମର ନୃତ୍ୟ ଆଦି ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଅଲିଭା ମହାନ୍ତ, ସ୍ନେହଲତା ନାଏକ, ମ୍ୟାଟ୍ରନ ରେବତୀ ନାଏକ, ସିସିଏ ଗଣେଶ ମାଝୀ, ଶାକର ମୁର୍ମୁ, ବାସନ୍ତୀ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀଙ୍କ ପରଲୋକ

ବାସୁଦେବପୁର,୨୮।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ଯୁଧିଷ୍ଠିର ବାରିକ(୬୮)ଙ୍କ ଗୁରୁବାର ରାତିରେ କୋଲକାତାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କ ଘର ବାସୁଦେବପୁର ପୌରପାଳିକାର ଗୋପାଳପୁର ଗ୍ରାମ ୨୩ ନଂ. ୱାର୍ଡରେ। ତାଙ୍କ ମରଶରୀର ଶୁକ୍ରବାର ମଧ୍ୟାହ୍ନରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯିବା ସହ ଏବି କଲେଜକୁ ନିଆଯାଇଥିଲା। ସେଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଧାୟକ ଅଶୋକ ଦାସ, ପୂର୍ବତନ ବିଧାୟକ ମଧୁସୂଦନ ପାଣିଗ୍ରାହୀ, ବିଷ୍ଣୁବ୍ରତ ରାଉତରାୟ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା ଶୋକ ବାର୍ତ୍ତା ମାଧ୍ୟମରେ ଶୋକବ୍ୟକ୍ତ କରିଛନ୍ତି। ପୌରପାଳିକା ଭାଇସ୍ ଚେୟାରମ୍ୟାନ ଉତ୍ତମ ବାରିକ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, କାଳନ୍ଦୀ ସାହୁ, ବରିଷ୍ଠ କଂଗ୍ରେସ ନେତା ରତ୍ନାକର ମଲିକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଶେଷଦର୍ଶନ କରିଥିଲେ।

# ପାଠପଢ଼ା ଦାବିରେ ରାସ୍ତାରେ ଛାତ୍ରୀଛାତ୍ର

## ବରପଦା ଇଞ୍ଜିନିୟରିଂ କଲେଜ

ଭଦ୍ରକ,୨୮।୩(ସନାତନ ରାଉତ)

ଦୀର୍ଘଦିନ ଧରି ବିବାଦରେ ଛନ୍ଦି ହୋଇଥିବା ବରପଦା ଇଞ୍ଜିନିୟରିଂ କଲେଜର ସମସ୍ୟା ଏବେ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ବକେୟା ଦରମା ଦାବିରେ କର୍ମଚାରୀଙ୍କ ଦୀର୍ଘଦିନର ଆନ୍ଦୋଳନ ପରେ ଏବେ ପାଠପଢ଼ା ଦାବିରେ ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇଛନ୍ତି। କଲେଜର ବିଭିନ୍ନ ସମସ୍ୟା ନେଇ ୮ ମାସ ହେଲା ପାଠପଢ଼ା ବନ୍ଦ ରହିଥିବାରୁ ଛାତ୍ରୀଛାତ୍ର ଗତ ୩ ଦିନ ଧରି ଫାଟକ ସାମ୍ନାରେ ଧାରଣା ଦେଇଥିଲେ। କୌଣସି ସୁଫଳ ନ ମିଳିବାରୁ ଛାତ୍ରୀଛାତ୍ର ଶୁକ୍ରବାର ସକାଳ ୯ଟାରେ ଭଦ୍ରକ-ଆନନ୍ଦପୁର ରାସ୍ତା ଅବରୋଧ କରିଥିଲେ। କଲେଜରେ ପାଠପଢ଼ା ବନ୍ଦ ନେଇ ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ବେସରକାରୀ କଲେଜ ହୋଇଥିବାରୁ ଏଥିରେ ଜିଲା ପ୍ରଶାସନ ହସ୍ତକ୍ଷେପ ନ କରିବାକୁ କହିଥିଲେ ବୋଲି ଛାତ୍ରୀଛାତ୍ର କହିଛନ୍ତି। ପୂର୍ବ ପରି କଲେଜରେ ପାଠପଢ଼ା ଜାରି ରହୁ ବୋଲି ସେମାନେ ଦାବି କରିଛନ୍ତି। ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାଶ ପ୍ରମୁଖ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ପ୍ରକାଶଥାଉ କି, କଲେଜ ପରିଚାଳନାକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିବା ବେଳେ କିଛିଦିନ ତଳେ ପରିଚାଳନା ସଭାପତି ପଦରୁ ପ୍ରୟାସକାନ୍ତି ସାମଲ ଇସ୍ତଫା ଦେଇଥିବା ଖବରଦାତା ସମ୍ମିଳନୀରେ ଜଣାଇଥିଲେ। ଅପରପକ୍ଷେ ବକେୟା ଦରମା ଦାବିରେ ପୂର୍ବରୁ ଧାରଣା ଦେଇଥିବା କର୍ମଚାରୀମାନେ କଲେଜର ପରିଚାଳନା ଦାୟିତ୍ୱ ଜିଲାପାଳ ନିଅନ୍ତୁ ବୋଲି ବାରମ୍ବାର ଦାବି କରିଆସୁଛନ୍ତି। କିନ୍ତୁ ବେସରକାରୀ କଲେଜ ଆଳ ଦେଖାଇ ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ହସ୍ତକ୍ଷେପ ନ କରିବା ଦ୍ୱାରା ବିବାଦର ସମାଧାନ ହୋଇପାରୁନାହିଁ। ଫଳରେ ଜିଲାର ଏକମାତ୍ର ବହୁ ପୁରାତନ ଇଞ୍ଜିନିୟରିଂ କଲେଜର ଭବିଷ୍ୟତ ଅନ୍ଧାରକୁ ଯାଉଥିବା ବେଳେ ଏହି କଲେଜରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ମଧ୍ୟ ଅନ୍ଧାରକୁ ଠେଲି ଦିଆଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।



କଲେଜ ଛାତ୍ରମାନେ ଭଦ୍ରକ-ଆନନ୍ଦପୁର ରାସ୍ତାକୁ ଅବରୋଧ କରିଛନ୍ତି।

# ମରାମତି ହେଲା ପାଣି ପାଇପ୍

## ଧରିତ୍ରୀ ପ୍ରଭାବ

ଧୁଷୁରୀ, ୨୮।୩ (ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକର ମଠଡିହ ଛକ ନିକଟରେ ପାନୀୟ ଜଳ ପାଇପ୍ ଫାଟି ଆରଡ଼ି-ଭଦ୍ରକ ୩୫ ନମ୍ବର ରାଜ୍ୟ ରାଜପଥ ଉପରେ ପାଣି ସୁଅ ଚାଲିଥିଲା। ଫଳରେ ପ୍ରାୟ ୧୦ ଦିନ ଧରି କୁଳେଇପଦା, ସାଠିବାଙ୍କୁଡ଼ା, ଅମୃତମଣୋହି ଆଦି ଗ୍ରାମର ଲୋକେ ପାନୀୟ ଜଳ ପାଇପାରୁ ନ ଥିଲେ। ଏନେଇ ଗତ ମଙ୍ଗଳବାର ଧରିତ୍ରୀରେ 'ପାଇପ୍ ଫାଟି ରାସ୍ତାରେ ପାଣି' ଶୀର୍ଷକ ଖବର ପ୍ରକାଶ ପରେ ପାଇପ୍ ମରାମତି କରାଯାଇଛି।

ଖବର ପ୍ରକାଶ ପରେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର ତତ୍ପରତା ପ୍ରକାଶ କରିଥିଲେ। ତୁରନ୍ତ ଫାଟିଥିବା ପାଇପ୍ ମରାମତି କରି ପାନୀୟ ଜଳ ଯୋଗାଇବାକୁ ବିଭାଗୀୟ ଜେଇ ସନାତନ ସିଂଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ୩ଜଣ ବ୍ୟକ୍ତି ଉକ୍ତ ସ୍ଥାନରେ ପହଞ୍ଚି ୧୨ ଘଣ୍ଟା ପରେ ରାତି ପ୍ରାୟ ୧୧ଟାରେ ପାଇପ୍ ମରାମତି କାମ ସାରିଥିଲେ। ଶୁକ୍ରବାର ସକାଳୁ ଓଲଗ ଜଳ ପ୍ରକଳ୍ପ ଅଧୀନରେ ଥିବା ସବୁ ଗ୍ରାମର ଲୋକେ ପାନୀୟ ଜଳ ପାଇଛନ୍ତି।


ପାଇପ୍ ମରାମତି କାର୍ଯ୍ୟ ଚାଲିଛି।

# 'ପରିବର୍ତ୍ତିତ ପରିସ୍ଥିତିରେ ଭାରତର ଭୂମିକା' ପାଠଚକ୍ର

ଧାମନଗର,୨୮।୩ (ଦେବେନ୍ଦ୍ର ଆଦିଆ)

ଧାମନଗର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସ୍ନାତକ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର 'ପରିବର୍ତ୍ତିତ ପରିସ୍ଥିତିରେ ଭାରତର ଭୂମିକା' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଆୟୋଜିତ ପାଠଚକ୍ରରେ ମୁଖ୍ୟଅତିଥି ଭାବେ ବିରଞ୍ଚି ନାରାୟଣ ମାଧବାର୍ଜ୍ଜୁନ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ଅଧ୍ୟକ୍ଷ କମଳାକାନ୍ତ ବିଶ୍ୱାଳ, ମୁଖ୍ୟବକ୍ତା ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ଅର୍ଥନୀତି ବିଭାଗର ଅଧ୍ୟାପକ ଭରତ ଚନ୍ଦ୍ର କରଣ ଏବଂ ଅନ୍ୟତମ ଅତିଥି ଭାବେ ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଡ. ଅଭୟ କୁମାର ଦାସ, ରାଜନୀତି ବିଜ୍ଞାନ ଅଧ୍ୟାପକ ରାଜେଶ କୁମାର ପାହାରୀ, ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଅଧ୍ୟାପିକା ବାସ୍ତବିକା ଦାସ ମଞ୍ଚ ସଞ୍ଚାଳନ, ସ୍ମରଣିକା ପ୍ରଧାନ ଅତିଥି ପରିଚୟ ଓ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଅଧ୍ୟକ୍ଷ ଅଜୟ କୁମାର ବେଜ ସ୍ୱାଗତ ସମ୍ଭାଷଣ ପ୍ରଦାନ ସହ ବିଷୟ ଆଭିମୁଖ୍ୟ କହିଥିଲେ। ଅଧ୍ୟାପକ ଡ. ଦେବାଶିଷ ମଲ୍ଲିକ ପ୍ରସଙ୍ଗଭିତ୍ତିକ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନବାଗତ ସମ୍ମାନ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ। ଶେଷରେ ପୁରୁଣା ବର୍ଷର ଛତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପାଠଚକ୍ରରେ ଉପସ୍ଥିତ ଅତିଥି।

# ଶହୀଦ ପୀଠର ଉନ୍ନତୀକରଣ ପାଇଁ ୧ କୋଟି


ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

## ଧନ୍ୟବାଦ ଜଣାଇଲା ଭାଜପା

ବାସୁଦେବପୁର/ସାବରଙ୍ଗ,୨୮।୩ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ବାସୁଦେବପୁରର ଶହୀଦ ପୀଠ ରକ୍ତତୀର୍ଥ ଇରମର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି। ଏନେଇ ପର୍ଯ୍ୟଟନ ବିଭାଗ ଚିଠି ସଂଖ୍ୟା ୪୧୪୬ ତା ୧।୩।୨୫ରେ ଉଲ୍ଲେଖ ଥାଇ ଭଦ୍ରକ ଜିଲାପାଳଙ୍କୁ ଅବଗତ କରାଯାଇଛି। ଏଥିସହ ଉପଯୁକ୍ତ ଏଜେନ୍ସି ଦ୍ୱାରା କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏଥିରେ ଖୁସିବ୍ୟକ୍ତ କରି ଭାଜପା ପକ୍ଷରୁ ଶୁକ୍ରବାର ମଧ୍ୟାହ୍ନରେ ହୋଟେଲ ପଦ୍ମାଠାରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭାଜପା ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ଅର୍ଥରାଶି ବିନିଯୋଗରେ ଶହୀଦପୀଠର ଉନ୍ନତୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲିକ ସୂଚନା ଦେଇଥିଲେ। ଯୁବନେତା ଅସିତ କୁମାର ଦାଶ, ପୂର୍ବତନ ରକ୍ତତୀର୍ଥ ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ପଣ୍ଡା, ପୂର୍ବତନ ପଦ୍ମପୁର ମଣ୍ଡଳ ସଭାପତି ମୁକ୍ତିକାନ୍ତ ଘଡ଼େଇ, ପୂର୍ବତନ ସରପଞ୍ଚ କମଳକାନ୍ତ ବାରିକ, କାଉନସିଲର ଜଗବନ୍ଧୁ ଦାସ, ଚାନ୍ଦିମାଳ ମଣ୍ଡଳ ପୂର୍ବତନ ସଭାପତି ରମାକାନ୍ତ ସେଠୀ, ଡା. ନିରୋଦ କୁମାର ଦାଶ, ବଳଭଦ୍ର ବିଶ୍ୱାଳ, ମହେଶ୍ୱର ଧଳ, ଉମାକାନ୍ତ ସେଠୀ, ହେମନ୍ତ ସନ୍ଧିବିଗ୍ରହ, ନାୟକାଣିଡିହୀ ମଣ୍ଡଳ ପୂର୍ବତନ ସଭାପତି ବିଦ୍ୟାଧର ଜେନା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# 'ମହତାବ ଥିଲେ ସଫଳ ରାଜନୀତିଜ୍ଞ'

## ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବ ଉଦ୍‌ଯାପିତ

ବନ୍ତ,୨୮।୩(ହରି ନାରାୟଣ ମହାନ୍ତି)

ହରେକୃଷ୍ଣ ମହତାବ ଏକାଧାରରେ ଜଣେ ସଫଳ ରାଜନୀତିଜ୍ଞ, ସାହିତ୍ୟିକ, ଗାଳ୍ପିକ, ସାମ୍ବାଦିକ ଓ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ। ତାଙ୍କ କଲମ ମୁନର ଲେଖନୀ ମଜଭୁତ ଥିଲା ବୋଲି ବନ୍ତ ବ୍ଲକର ହେମପଦ୍ମ ଗାଲାକ୍ସିଠାରେ ୧୦ଦିନ ଧରି ଚାଲିଥିବା ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଗୁରୁବାର ମୁଖ୍ୟଅତିଥି ବିଶିଷ୍ଟ ବାସ୍ତୁବିଦ୍ ଡ. ନୀଳାମ୍ବର ପାଣି କହିଥିଲେ। କମିଟି ସଭାପତି ଆଇନଜୀବୀ ମନୋଜ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ହେମନ୍ତ ସିଂହ ମଞ୍ଚ ସଂଯୋଜନା କରି କହିଥିଲେ ଯେ, ୨୦୧୪ରେ ପୁସ୍ତକ ମେଳା ଆୟୋଜନ ପରେ ୨୦୧୬ଠାରୁ ଏ ମାଟିର ବାସ୍ନା ଉତ୍କଳ କେଶରୀଙ୍କ ନାମରେ ଚାଲୁଥିବା ମହୋତ୍ସବ ଆଜି ଅଞ୍ଚଳବାସୀଙ୍କ ସହଯୋଗ ଫଳରେ ମହାଦ୍ରୁମରେ ପରିଣତ ହୋଇଛି। ୧୦ଦିନ ଧରି ମହୋତ୍ସବ ଆୟୋଜନରେ ଅଞ୍ଚଳବାସୀ, ଜିଲା, ପୋଲିସ ପ୍ରଶାସନ ଓ ସର୍ବୋପରି ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ସହଯୋଗକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଯୋଗଦେଇ ମହୋତ୍ସବ ଆନନ୍ଦ ଏବଂ ଖୁସି ବାଣ୍ଟିବା ସହ ଏକାତ୍ମବାଦର ପ୍ରତୀକ ବୋଲି କହିଥିଲେ। ସାମାଜିକ କର୍ମୀ ରବିନାରାୟଣ ପଣ୍ଡା ଓ ସାହିତ୍ୟିକ ଜଗନ୍ନାଥ ପାତ୍ର ଯୋଗଦେଇ ଆଗରପଡ଼ା ମହୋତ୍ସବ ସଂପୃକ୍ତ ଅଞ୍ଚଳର କଳା ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାରେ ଏକ ପ୍ରମୁଖ ଅନୁଷ୍ଠାନ ଭାବେ ଉଭା ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପସଭାପତି ମମତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବ କମିଟିର ଉପଦେଷ୍ଟା ହରମୋହନ ପଣ୍ଡା, ସୁବୋଧ କୁମାର ସାହୁ, ନାରାୟଣ ଚନ୍ଦ୍ର ଲେଙ୍କା, ପଦ୍ମନାଭ ସେଠୀ, ନମିତା ବେହେରା, ପ୍ରତିମା ସାହୁ, ସୁଦର୍ଶନ ସିଂହ, ଚିତ୍ତରଞ୍ଜନ ଦାସ, ମାମୁନି ସିଂହ, ମାନସ ତିୱାରୀ ଓ ଦୀପକ ପୁରୀ ସହଯୋଗ କରିଥିଲେ।



ମଞ୍ଚରେ ଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ୩୦ରେ ମାତୃଭୂମି ପାଇଁ ଗଣଦୌଡ଼

ଚାନ୍ଦବାଲି,୨୮।୩(କିଷାନ ପାତ୍ର)

ଚାନ୍ଦବାଲି ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ମାତୃଭୂମି ପାଇଁ ଗଣଦୌଡ଼ ଓ ରାମ ନବମୀ ପାଳନ ପାଇଁ ଶୁକ୍ରବାର ଅପରାହ୍ନ ୩ଟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩୦ ତାରିଖରେ ଗଣଦୌଡ଼ ଅନୁଷ୍ଠିତ ହେବ। ସକାଳ ୬ଟା ୩୦ରେ ଚାନ୍ଦବାଲି କାଳୀପଡ଼ିଆରୁ ଗଣଦୌଡ଼ ବାହାରି ଚାନ୍ଦବାଲି ବଜାର ପରିକ୍ରମା କରି ନୂଆ ବସ୍‌ଷ୍ଟାଣ୍ଡଠାରେ ଶେଷ ହେବ। ଏପ୍ରିଲ ୪ରୁ ୬ ତାରିଖ ୩ଦିନ ଧରି କାଳୀପଡ଼ିଆରେ ତ୍ରିଦିବସୀୟ ମହାଯଜ୍ଞ ହେବ। ୪ ତାରିଖ ସକାଳ ୭ଟାରେ କଳସ ଶୋଭାଯାତ୍ରା ଓ ଯଜ୍ଞ ଆରମ୍ଭ, ୫ରେ ସୁନ୍ଦରକାଣ୍ଡ ପାଠ, ପ୍ରଦୀପ ପ୍ରଜ୍ୱଳନ, ସମୂହ ହନୁମାନ ଚାଳିଶା ପାଠ, ୬ରେ ଯଜ୍ଞ ପୂର୍ଣ୍ଣାହୁତି, ମେଢ଼ ଶୋଭାଯାତ୍ରା ଓ ନଗର ସଂକୀର୍ତ୍ତନ ହେବ ବୋଲି ସମିତି ପକ୍ଷରୁ କୁହାଯାଇଛି।

# 'ଶିକ୍ଷା ମାଧ୍ୟମରେ ପ୍ରତିଭାର ପରିପ୍ରକାଶ ହୁଏ'

ତିହିଡ଼ି,୨୮।୩(ସଞ୍ଜିତ ବଳ)

ଛାତ୍ରୀଛାତ୍ରଙ୍କ ଭିତରେ ବହୁ ପ୍ରତିଭା ଲୁଚି ରହିଥାଏ। ଶିକ୍ଷା ମାଧ୍ୟମରେ ସେହି ପ୍ରତିଭାର ପରିପ୍ରକାଶ ହୋଇଥାଏ ବୋଲି ତିହିଡ଼ି ବ୍ଲକ ପୀରହାଟସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୁଧବାର ଅପରାହ୍ନରେ ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ସଦସ୍ୟା ଲକ୍ଷ୍ମୀପ୍ରିୟା ଯତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ସୁଧୀର କୁମାର ମୁଦୁଲି, ମୁଖ୍ୟବକ୍ତା ପଣ୍ଡିତ ଦୈତାରୀ ମହାପାତ୍ର ଏବଂ ଅନ୍ୟତମ ଅତିଥି ଭାବେ ଆଇନଜୀବୀ ସଞ୍ଜୟ ମହାନ୍ତି, ନରେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଦାସ ମହାପାତ୍ର ବିବରଣୀ ପାଠ କରିଥିବା ବେଳେ ତାଙ୍କ ରଚିତ କବିତା ସଙ୍କଳନ 'ଦିପାଦ ଆଗକୁ ଜୀବନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରିଚାଳନା କମିଟି ସଭାପତି ବିଜୟ କୁମାର ରାଉତ ଅତିଥି ପରିଚୟ ଏବଂ ସଦସ୍ୟ ବିଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏନ୍‌ଆର୍‌ଟିଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଉଲକାଜ୍ୟୋତି ଦଳାଇ, ରାଜେଶ ମହାନ୍ତି ଓ ଶୁଭଲକ୍ଷ୍ମୀ ବୀର ପ୍ରମୁଖ ଶିକ୍ଷାକେନ୍ଦ୍ରର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଦୀପ କୁମାର ମହାନ୍ତି, ଗୟାଧର ନାୟକ, ସୁଦୀପ୍ତ ଶୁଭ୍ରପ୍ରକାଶ ସାମଲ, ରଘୁନାଥ ଦାସ, ସୁକାନ୍ତ ସମୀର ନାୟକ, ଶରତ ଚନ୍ଦ୍ର ଦାସ, ରଶ୍ମିରେଖା ନାୟକ, ମନିଜା ବଳ, ସ୍ୱରୂପାରାଣୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଜାମା ମସ୍‌ଜିଦ୍‌ରେ ଶବେକଦର ପର୍ବ

ଭଦ୍ରକ,୨୮।୩(ସନାତନ ରାଉତ)

ଭଦ୍ରକ ପୁରୁଣାବଜାରସ୍ଥିତ ଜାମା ମସ୍‌ଜିଦ୍‌ରେ ରମଜାନ୍ ମାସର ଶବେକଦର ପର୍ବ ତଥା ଲଏଲତୁଲ କଦର୍ ପର୍ବ ଗୁରୁବାର ରାତିରେ ପାଳିତ ହୋଇଯାଇଛି। ରମଜାନ ମାସର ୨୬ ରୋଜା (ଉପବାସ) ଓ ୨୭ ତରାୱୀ ନମାଜରେ ଶବେକଦର ପର୍ବ ପାଳନ କରାଯାଏ। ଏହି ପର୍ବ ପାଇଁ ଜାମା ମସ୍‌ଜିଦ୍ ସମେତ ଭଦ୍ରକର ସବୁ ମସଜିଦ୍ ରଙ୍ଗବେରଙ୍ଗର ଆଲୋକରେ ସଜ୍ଜିତ କରାଯାଇଥିଲା। ଶବେକଦର ରାତ୍ରିରେ ଅନିଦ୍ରା ରହି ରାତିତମାମ ନମାଜ ପାଠ କରାଯାଇଥିଲା। ଜାମା ମସ୍‌ଜିଦ୍‌ର ସଭାପତି ହାଜି କାସିମ ଖାନ୍‌ଙ୍କ ସଭାପତିତ୍ୱ ଓ ଶେଖ୍ ମଇରାଜୁଦ୍ଦିନଙ୍କ ସଂଯୋଜନାରେ ମୁସ୍‌ଲିମ୍ ଜମାତର ବରିଷ୍ଠ ସଭ୍ୟ ହାଜି ଅନୱର ହୋସେନ, ସମ୍ପାଦକ ହାଜି ମୁକିତ ଖାନ, ଜାମା ମସ୍‌ଜିଦ୍‌ର ପୂର୍ବତନ ସଭାପତି ହାଜି ଏନାମ ମହମ୍ମଦ, ମସ୍‌ଜିଦ୍ କମିଟିର ସମ୍ପାଦକ ଶେଖ୍ ହାଫିଜୁଲ୍ଲା ଏବଂ ବରିଷ୍ଠ ସଭ୍ୟମାନେ ମସ୍‌ଜିଦର ହାଫିଜ ଓ ମୌଜନଙ୍କୁ ମସ୍‌ଜିଦରେ ଉଠିଥିବା ଅର୍ଥରାଶି ଉପହାର ଦେଇଥିଲେ। ସମସ୍ତଙ୍କ ଉପସ୍ଥିତିରେ ଜାମା ମସ୍‌ଜିଦ୍‌ର ସଭାପତି ଆୟବ୍ୟୟ ହିସାବ ସର୍ବସାଧାରଣରେ ପ୍ରକାଶ କରିଥିଲେ। ଏହି ତରାୱୀ ନମାଜରେ ୫ଜଣ ପିଲାଙ୍କୁ ମିର୍ଜା ଜୋୱଦଙ୍କ ପକ୍ଷରୁ ଇମାମ ସାହେବଙ୍କ ହସ୍ତରେ ପ୍ରଦାନ କରାଯାଇଥିଲା। ୬ଟି କମିଟି ପକ୍ଷରୁ ମସ୍‌ଜିଦ୍‌ରେ ଅଏତେକାଫ୍‌ରେ ବସିଥିବା ୭ଜଣଙ୍କୁ ଓ ମସ୍‌ଜିଦ୍‌ର ବର୍ଷସାରା ସଫେଇ କାର୍ଯ୍ୟ କରୁଥିବା ୨୦ଜଣଙ୍କୁ ଉପହାର ପ୍ରଦାନ କରାଯାଇଥିଲା। କମିଟିର ଅବଦୁଲ ରହେମାନ, ଶେଖ୍ ଇଲୟାସ, ମୁସ୍‌ଲିମ ଖାନ, ଶେଖ୍ ଅନୱର(ବାବୁ), ଶେଖ୍ ଇମତିୟାଜ, ବୁଦ୍ଧିଆ ରହେମାନ, ଗୁଲ ମହମ୍ମଦ ଖାନ, ଶେଖ୍ ନିୟାଜ, ଅନୱାର ସାହା, ମୀର ମହେବୁବ ପ୍ରମୁଖ ପରିଚାଳନା କରିଥିଲେ।


ଶବେକଦର ପର୍ବରେ ଯୋଗ ଦେଇଥିବା ଅତିଥିମାନେ।

# ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟଣ, ପ୍ରବଚନ

ଭଦ୍ରକ,୨୮।୩(ରବିନାରାୟଣ ଖିଲାର)

ଭଦ୍ରକର ଲୋକନାଥ ମନ୍ଦିର ପରିସରରେ ଚିନ୍ତା ଚେତନା ଆଧ୍ୟାତ୍ମିକ ପରିଷଦ ପକ୍ଷରୁ ୪୨ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶୁକ୍ରବାର ସକାଳ ୯ଟା ବେଳେ ଘଟ ଉତ୍ତୋଳନ, ପୂଜାର୍ଚ୍ଚନା ଓ ଗ୍ରନ୍ଥ ପାରାୟଣ ଅନୁଷ୍ଠିତ ହୋଇଥିଲା। ପୁରୋଧା ରାମନାରାୟଣ ମହାନ୍ତି, ରତ୍ନା ମହାନ୍ତି, ବ୍ୟାସ ଓମ୍‌ପ୍ରକାଶ ଯୋଶୀ, ସହଯୋଗୀ ବିଜୟ କୁମାର ପାଣି, ଅଜୟ କୁମାର ପାଣି, ସଞ୍ଜୟ କୁମାର ପାଣି ଓ ତ୍ରିନାଥ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସଂସ୍କୃତି ଅଧିକାରୀ ତନୁଜା ସିର୍କା, ବାବା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନୀହାର ରଞ୍ଜନ କର, ସାମାଜିକ କର୍ମୀ ଚଗୁଲୁ ମହାନ୍ତି, ଶିକ୍ଷୟିତ୍ରୀ ମନୋରମା ରାୟ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀରାମ ନବମୀ ପର୍ଯ୍ୟନ୍ତ ୯ ଦିନ ଧରି ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଚାଲିବ। ଶୁକ୍ରବାରଠାରୁ ଆସନ୍ତା ଏପ୍ରିଲ ୧ ପର୍ଯ୍ୟନ୍ତ ଡ.ଗୁରୁପ୍ରସାଦ ମହାପାତ୍ର ପ୍ରବଚନ ଦେବାକୁ ଥିବାବେଳେ ୨ରୁ ୫ ତାରିଖ ଯାଏ ଡ. ଶାରଦା ପ୍ରସାଦ କର ପ୍ରବଚନ ଦେବେ। ୬ରେ ଘଟ ବିସର୍ଜନ, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ସ୍ମୃତିରେ ବଞ୍ଚିଛି ଚାନ୍ଦବାଲି ବନ୍ଦର

ଚାନ୍ଦବାଲି,୨୮।୩(ଅଶୋକ ପଣ୍ଡା)

ପ୍ରାଚୀନ ଚାନ୍ଦବାଲି ବନ୍ଦରର ପ୍ରତିଷ୍ଠା ଦିବସ ଶୁକ୍ରବାର ପୂର୍ବାହ୍ନ ୧୦ଟା ବେଳେ ମତୋ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ଅର୍ଥନୈତିକ ଓ ସାମାଜିକ ଜୀବନକୁ ଏହି ବନ୍ଦର ବହୁ ପ୍ରଭାବିତ କରିଥିଲା। ବନ୍ଦ ହେବାର ପ୍ରାୟ ୬୫ ବର୍ଷ ପରେ ଏବେ ମଧ୍ୟ ସ୍ଥାନୀୟ ଲୋକଙ୍କ ସ୍ମୃତିରେ ବଞ୍ଚିଛି ଚାନ୍ଦବାଲି ବନ୍ଦର ବୋଲି ପ୍ରତିଷ୍ଠା ଦିବସ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷର ପରବର୍ତ୍ତୀ ସମୟରେ ବନ୍ଦର ପ୍ରତିଷ୍ଠା ହୋଇଥିବା ବେଳେ ୧୮୮୧ ମସିହା ମାର୍ଚ୍ଚ ୨୮ରେ ଏହାକୁ ଇଂରେଜ ସରକାର ସ୍ୱୀକୃତି ଦେଇଥିଲେ। ବିଭିନ୍ନ ଆନୁସଙ୍ଗିକ କାରଣ ପାଇଁ ଏହା ୧୯୬୦ରେ ବନ୍ଦ ହୋଇଯାଇଥିଲା। ଭିତ୍ତିଭୂମି ଥିବାରୁ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ଉଦ୍ୟମ କରିଥିଲେ ମଧ୍ୟ ଏହା ସଫଳ ହୋଇପାରି ନ ଥିଲା। ପ୍ରାଚୀନ ଚାନ୍ଦବାଲି ବନ୍ଦରର ସ୍ମୃତି ବହନ କରୁଥିବା କାର୍ଯ୍ୟାଳୟ, ବୟାଁ, ନଙ୍ଗର, ଶିକୁଳି, ମାରୱାଡ଼ି ଓ ତେଲଙ୍ଗା ବସ୍ତି, ରାଇସ ମିଲ୍‌ର ଭଗ୍ନାବଶେଷ ଏବେ ମଧ୍ୟ ସେଦିନର ବନ୍ଦର ସ୍ମୃତିକୁ ମନେ ପକାଏ। ବନ୍ଦରର ସ୍ମୃତି ସନ୍ତକକୁ ନେଇ ଏକ ସଂଗ୍ରହାଳୟ ପ୍ରତିଷ୍ଠାକୁ ୨୦୨୧ରେ ସରକାରୀ ମଞ୍ଜୁରୀ ମିଳିଥିଲେ ମଧ୍ୟ ଅଦ୍ୟାବଧି ଏହା କାର୍ଯ୍ୟକାରୀ ହୋଇନାହିଁ। ସରକାର ଏ ଦିଗରେ ଧ୍ୟାନ ଦେବାକୁ ଦାବି ହେଉଛି। ଚାନ୍ଦବାଲି ସଂସ୍କାର ପରିବାର ପକ୍ଷରୁ ଶିକ୍ଷାବିତ୍ ସାଧୁ ଚରଣ ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆବାହକ ତାରାପଦ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ମତୋ ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ବିଶ୍ୱାଳ, ସାମାଜିକ କର୍ମୀ ସୁକାନ୍ତ ଦାସ, ଯୁବନେତା ମଙ୍ଗୁଳି ଚରଣ ବେହେରା, ରମେଶ ଚନ୍ଦ୍ର ସାମଲ, କବି ମନୋଜ କୁମାର ଭଳ, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ରଣା, ଅବସରପ୍ରାପ୍ତ ସେନା କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବାମପନ୍ଥୀ ନେତା ବେଣୁଧର ନାୟକ, ବ୍ରହ୍ମାନନ୍ଦ ପରିଡ଼ା, ଅବସରପ୍ରାପ୍ତ ଏବିଇଓ ଜୟକୃଷ୍ଣ ନାୟକ, ଶିକ୍ଷକ ଅମୂଲ୍ୟ କୁମାର ରାଉତ, ଅଶୋକ କୁମାର ପଣ୍ଡା ପ୍ରମୁଖ ବନ୍ଦର ସମ୍ପର୍କିତ ଆଲୋଚନାଚକ୍ର 'ବହିତ୍ର ବନ୍ଦିତ ରମ୍ୟ ଚାନ୍ଦବାଲି' ଶୀର୍ଷକରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ କଲେଜର ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପ୍ରାତଃ ୫ଟାରେ ଚାନ୍ଦବାଲି ଶାସ୍ତ୍ରୀଘାଟରେ ଦୀପକ କୁମାର ସାହୁ, ସ୍ମୃତିରଞ୍ଜନ ଯତି, ଭାଗିରଥୀ ଦାଶ ପ୍ରମୁଖଙ୍କ ନେତୃତ୍ୱରେ ବୈତରଣୀ ନଦୀ ବନ୍ଦାପନା ଓ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବୈତରଣୀ ନଦୀ ଆଳତି କରାଯାଉଛି।

## ଜଳିଗଲା ରଙ୍ଗ ବୋଝେଇ ଟ୍ରକ୍

ବସ୍ତା(ହରିଶଙ୍କର ପାଢ଼ି)-ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର କୁଣ୍ଡପୁର ଛକ ନିକଟରେ ହୁତୁ ହୁତୁ ହୋଇ ଜଳିଗଲା ଟ୍ରକ୍। ପଶ୍ଚିମବଙ୍ଗ ପଟୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ରଙ୍ଗ ବୋଝେଇ ଟ୍ରକରେ ହଠାତ୍ ନିଆଁ ଲାଗି କ୍ୟାବିନ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ବସ୍ତା ଅଗ୍ନିଶମ ବିଭାଗ, ବସ୍ତା ପୋଲିସ, ଜାତୀୟ ରଜପଥ ପାଟ୍ରୋଲିଂ ଭ୍ୟାନ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହିତ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ରୋଷେଇ ବେଳେ ଅସାବଧାନତାବଶତଃରୁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି।

**ସଂକ୍ଷେପରେ**

### ବାଲେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ ଆଜି
## ୧୯ ପଦବୀ ପାଇଁ ୩୬ ପ୍ରାର୍ଥୀ

ବାଲେଶ୍ୱର, ୨୮।୩(ବାଞ୍ଛାନିଧି ଦେ)- ବାଲେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ନିର୍ବାଚନରେ ୧୯ ପଦବୀ ପାଇଁ ୩୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସଭାପତି ପଦବୀ ପାଇଁ କେଶବ କୁମାର ଆଚାର୍ଯ୍ୟ, ମନୋଜ କୁମାର ନାୟକ ଏବଂ ନାରାୟଣ ଚନ୍ଦ୍ର ସାହୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉପସଭାପତି ପଦବୀରେ ଜିତେନ୍ଦ୍ର କୁମାର ଉପାଧ୍ୟାୟ ଓ ରଣଜିତ୍ ପଣ୍ଡା, ସମ୍ପାଦକ ପଦବୀ ପାଇଁ ଦୀପକ କୁମାର ଦାଶ, ପ୍ରତାପ ଚନ୍ଦ୍ର ମହାନ୍ତି, ସସ୍ମିତ କୁମାର ନନ୍ଦୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଦୁଇଟି ସହ ସମ୍ପାଦକ ପଦବୀ ପାଇଁ ଅଜୟ କୁମାର ବାରିକ, ଚନ୍ଦ୍ରକାନ୍ତ ଜେନା, ପିନାକୀ ଧୀର, ରୀତାଞ୍ଜଳି ନନ୍ଦ, ସୌରୀ ଶଙ୍କର ପରିଡ଼ା, କୋଷାଧ୍ୟକ୍ଷ ପାଇଁ ନିଶାନ୍ତ ପଟ୍ଟନାୟକ ଓ ରାଧାବଲ୍ଲଭ ଦାଶ, ସହ କୋଷାଧ୍ୟକ୍ଷ ପାଇଁ ବରେନ୍ଦ୍ର ସେଠୀ, ମହମ୍ମଦ ଇସଲାମ ପ୍ରାର୍ଥୀ ଭାବେ ଲଢୁଛନ୍ତି। ସେହିପରି ୧୨ଜଣ ଏକ୍‌ଜିକ୍ୟୁଟିଭ୍ ମେମ୍ବର ପଦବୀ ନିମନ୍ତେ ୧୯ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି।

ଶନିବାର ପୂର୍ବାହ୍ଣ ୭ଟା ୩୦ରୁ ଭୋଟିଂ ଆରମ୍ଭ ହୋଇ ଅପରାହ୍ଣ ୩ଟାରେ ଶେଷ ହେବ। ଭୋଟିଂ ପରେ ଗଣତି ଆରମ୍ଭ ହୋଇ ଫଳାଫଳ ପ୍ରକାଶିତ ହେବ। ନିର୍ବାଚନ ଅଧିକାରୀଙ୍କ ସମେତ ୧୮ଜଣ ସହ ନିର୍ବାଚନ ଅଧିକାରୀ ନିର୍ବାଚନ ପରିଚାଳନା କରିବେ ବୋଲି ନିର୍ବାଚନ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ସି କହିଛନ୍ତି।

**ବାଲେଶ୍ୱର**

# ଦେଶୀ କିସମ ବିହନର ଚାହିଦା ସ୍ୱତନ୍ତ୍ର

## ୩ ଜିଲାର ଚାଷୀଙ୍କୁ ନେଇ ବୈଜ୍ଞାନିକ କୃଷକ ଆଲୋଚନାଚକ୍ର

ସିମୁଳିଆ, ୨୮।୩(ସନ୍ତୋଷ ନାୟକ)

ଉଦ୍ଭିଦ ପ୍ରଜନକ, ଗବେଷକ, କୃଷକମାନଙ୍କର ବିଭିନ୍ନ ଉଦ୍ଭିଦ ସୃଷ୍ଟି ଓ ସଂରକ୍ଷଣ ଅଧିକାରକୁ ସୁରକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଶୁକ୍ରବାର ପୂର୍ବାହ୍ଣ ୧୧ଟାରେ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାର ଶତାଧିକ ଚାଷୀଙ୍କୁ ନେଇ ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବୈଜ୍ଞାନିକ କୃଷକ ଅଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନକ ଡ. ସଞ୍ଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବୈଜ୍ଞାନିକ ଡ. ସସ୍ମିତା ଦାଶ ଯୋଗଦେଇ ଉଦ୍ଭିଦର କିସମ ଓ କୃଷି ଅଧିକାର, କୃଷକ ଅଧିକାର, ଆଇନ ଅଧିକାର ଆଦି ଚାଷୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ୯ଟି ଅଧିକାର ସମ୍ପର୍କରେ ସୂଚନା ଦେଇଥିଲେ। ଯାଜପୁର ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଲଳିତ କୁମାର ମହାନ୍ତି ବିଭିନ୍ନ ଅଞ୍ଚଳର ଜଳବାୟୁ ଓ ମୃତ୍ତିକା କିସମ ଅନୁସାରେ କୃଷି ଓ ଦେଶୀ କିସମ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଣିତାଲ କୃଷି ଗବେଷଣା



ଭଦ୍ରକ ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ସୂଚନା ପ୍ରଦାନ କରୁଛନ୍ତି।

କେନ୍ଦ୍ରର ବୈଜ୍ଞାନିକ ଡ. ଚିନ୍ମୟ ଦାଶ ପୁରାତନ କୃଷି ବିହନ ଉପରେ ଗୁରୁତ୍ୱାରୋପ କରି ଓଲ୍ଡ ଇଜ୍ ଗୋଲ୍ଡ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ବୈଜ୍ଞାନିକଙ୍କ ମଧ୍ୟରେ ଡ. ସ୍ୱାଗତିକା ସାହୁ, ଡ. ଦୀପକ କୁମାର ମହାନ୍ତି, ଡ. ବିଶ୍ୱରଞ୍ଜନ ନାୟକ, ଡ. ସୁଧାଂଶୁ କୁମାର ସାହୁ, ଡ. ସଂଘମିତ୍ରା ପଟ୍ଟନାୟକ, ଉତ୍କଳିକା ନାୟକ, ନିହାରିକା ନାୟକ, ଭଦ୍ରକ ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ପ୍ରମୁଖ ଯୋଗଦେଇ ପୁରାତନ ଧାନ, ପନିପରିବା ଓ ଡାଲି ଜାତୀୟ ବିହନ ସହିତ ବିଭିନ୍ନ ଅଞ୍ଚଳର ଦେଶୀ ଗାଈ ଉପରେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ଖାଦ୍ୟ ଅଭାବ ମେଣ୍ଟିଥିଲେ ହେଁ ପୁରାତନ ଫସଲର ସ୍ୱାଦ ଓ ବାସ୍ନା ବର୍ତ୍ତମାନ ଖାଦ୍ୟରେ ନ ଥିବାରୁ ଖାଦ୍ୟ ପ୍ରତି ଆନ୍ତରିକତା କମିବା ସହିତ ବିଭିନ୍ନ ରୋଗ ମାଡ଼ି ବସୁଛି। ଖାଦ୍ୟରେ ରୋଗ ପ୍ରତିରୋଧକ ନାହିଁ, ତେଣୁ ପୁରୁଣା ଚାଷପଦ୍ଧତି ଓ ପୁରୁଣା ବିହନକୁ ଫେରାଇ ଅଣାଯିବା ଉପରେ ଚାଷୀ ଓ ବୈଜ୍ଞାନିକମାନେ ଗୁରୁତ୍ୱାରୋପ କରିଥିଲେ। ରେମୁଣା ଅଞ୍ଚଳର ଚାଷୀ ସୁଧାକର ପାଣିଗ୍ରାହୀ, ବାଲିଆପାଳର ଚାଷୀ ମଧୁସୂଦନ ଗିରି ପ୍ରମୁଖ ଚାଷୀ ନିଜର ମତ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସୁଶାନ୍ତ କୁମାର ସିଂ ଅତିଥି ପରିଚୟ ପ୍ରଦାନ ଓ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଞ୍ଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଚାଷୀଙ୍କ ଉଦ୍ଦେଶ୍ୟରେ କୃଷକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

## ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଆସି ପର୍ଯ୍ୟଟକ ନିଖୋଜ

ନୀଳଗିରି, ୨୮।୩(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ବୁଲିବାକୁ ଆସି ଜଣେ ପର୍ଯ୍ୟଟକ ନିଖୋଜ ହୋଇଯାଇଥିବା ସୂଚନା ମିଳିଛି। ନୟାଗଡ ଜିଲ୍ଲା ନୂଆଗାଁ ଥାନା ଗୌଡଚଞ୍ଚରାପାଲି ଅଞ୍ଚଳର ଚରଣ ବେହେରା (୬୫) ନିଜ ପରିବାର ସହ ଅଞ୍ଚଳର ପ୍ରାୟ ୭୦ଜଣ ପର୍ଯ୍ୟଟକଙ୍କ ସହିତ ଏକ ବସ୍‌ରେ ଗୁରୁବାର ପୂର୍ବାହ୍ଣରେ ଏଠାକୁ ଆସିଥିଲେ। ତେବେ ଅନ୍ୟ ପର୍ଯ୍ୟଟକ ପାହାଚ ଚଢ଼ି ବାବାଙ୍କ ଦର୍ଶନ କରିବାକୁ ଯାଇଥିବା ବେଳେ ଚରଣ ପାହାଚ ଚଢିପାରିବେ ନାହିଁ କହି ବସ ନିକଟରେ ରହିଥିଲେ। ଅନ୍ୟାନ୍ୟ ଶ୍ରଦ୍ଧାଳୁ ଦର୍ଶନ ସାରି ଅପରାହ୍ଣ ପ୍ରାୟ ୪ଟାରେ ଫେରିବା ପରେ ଚରଣକୁ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଶେଷରେ ରାତି ୭ଟାରେ ଚରଣ ନିଖୋଜ ହୋଇଥିବା ନେଇ ଜଣେ ସମ୍ପର୍କୀୟ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି।

## ରାମନବମୀ ଉପଲକ୍ଷେ ୩୦ରୁ ବିଭିନ୍ନ କାର୍ଯ୍ୟକ୍ରମ

ସୋର, ୨୮।୩(ଜନ୍ମେଜୟ ମିଶ୍ର)

ସୋର ଶ୍ରୀରାମସେନା ପକ୍ଷରୁ ରାମନବମୀ ଉତ୍ସବ ପାଇଁ ଏକ ଖବରଦାତା ସମ୍ମିଳନୀ ଷ୍ଟେଶନଛକସ୍ଥିତ ରୟାଲ ହୋଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀରାମ ସେନା ସୋର ସଭାପତି ବିଷ୍ଣୁମୋହନ ପଣ୍ଡା, ସମ୍ପାଦକ ମନୀଷ ଗୁପ୍ତା, ବରିଷ୍ଠ ଉପଦେଷ୍ଟା କାହ୍ନୁଚରଣ ବେହେରା, ମୁଖପାତ୍ର ସୁଶୀଲ ଝୁନଝୁନୱାଲା ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ କାର୍ଯ୍ୟ ବିବରଣୀ ବାବଦରେ ଜଣାଇଥିଲେ। ଆସନ୍ତା ୩୦ ତାରିଖ ରବିବାର ସୋର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର, ୩୧ତାରିଖରେ ସୋର ଗୋଶାଳାରେ ଗୋପୂଜନ, ଏପ୍ରିଲ ୧ତାରିଖ ସନ୍ଧ୍ୟାରେ ସାମୂହିକ ହନୁମାନ ଚାଳିଶାପାଠ, ୩ ତାରିଖରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ଓ ଫଳ ବଣ୍ଟନ, ୪ ତାରିଖରେ ମହିଳା ମୋଟର ସାଇକେଲ ଓ ୫ ତାରିଖରେ ପୁରୁଷ ମୋଟର ସାଇକେଲ ରାଲି ଏବଂ ୬ ତାରିଖରେ ସୋର ଗୋପୀନାଥପୁର ଷ୍ଟ୍ରଚର ପଡ଼ିଆରୁ ରାଇପୁର ହନୁମାନ ମନ୍ଦିର ପର୍ଯ୍ୟନ୍ତ ବିଶାଳ ଶ୍ରୀରାମ ନବମୀ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିରେ ହଜାର ହଜାର ସଂଖ୍ୟାରେ ସୋରବାସୀ ଯୋଗଦେବା ସହିତ କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଶ୍ରୀରାମ ସେନା ପକ୍ଷରୁ ଅନୁରୋଧ କରାଯାଇଛି।

## ଔଷଧ ଦୋକାନୀଙ୍କଠାରୁ ଟଙ୍କା ବ୍ୟାଗ୍ ଝାମ୍ପିନେଲେ ଦୁର୍ବୃତ୍ତ

ବାଲେଶ୍ୱର, ୨୮।୩(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ରୁପସା ଥାନା ଅଧୀନ ରୁପସା ପାଟପୁର ବଜାରରେ ଥିବା ଗଣେଶ ମେଡିକାଲ ଷ୍ଟୋରର ମାଲିକ ଅନ୍ନଦା ପ୍ରସନ୍ନ ପଟ୍ଟନାୟକଙ୍କଠାରୁ ଶୁକ୍ରବାର ଦୁର୍ବୃତ୍ତମାନେ ଏକ ଟଙ୍କା ବ୍ୟାଗ୍ ଝାମ୍ପି ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ଖବରପାଇ ଥାନାଧିକାରୀ ମୌସୁମୀ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ପୂର୍ବାହ୍ଣ ୭ଟାରେ ଅନ୍ନଦା ନିଜର ହ୍ୟାଣ୍ଡ ବ୍ୟାଗ୍‌କୁ ପକ୍କା ପିଣ୍ଡା ଉପରେ ରଖି ଦୋକାନ ଶଟର ଖୋଲୁଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଆସି ବ୍ୟାଗ୍‌ଟିକୁ ଝାମ୍ପି ନେଇଥିଲେ। ଅନ୍ୟ ଜଣେ ଦୁର୍ବୃତ୍ତ ମୋଟର ସାଇକେଲ ଷ୍ଟାର୍ଟ କରି ରଖିଥିଲେ। ବ୍ୟାଗ୍‌କୁ ନେଇ ଉଭୟ ଦୁର୍ବୃତ୍ତ ବାଇକ୍ ଯୋଗେ ଗଡ଼ପଦା ରାସ୍ତା ଅଭିମୁଖେ ଚମ୍ପଟ ମାରିଥିଲେ। ଏହି ବ୍ୟାଗ୍‌ରେ ଗୋଦାମ ଘର ଚାବି କାଠି, ଏକ ହାର୍ଡଡିସ୍କ ଓ ନଗଦ ୨୨ହଜାର ୫ଶହ ଟଙ୍କା ଥିବା ଏତଲାରେ ଦର୍ଶାଯାଇଛି। ପୂର୍ବାହ୍ଣ ୧୧ଟା ବେଳେ ଲଛମନଖୁଣ୍ଟା ଦରଖୋଳି ଛକଠାରେ ଏହି ବ୍ୟାଗ୍ ପଡିଥିବା ଖବର ମିଳିଥିଲା। ମିଳିଥିବା ବ୍ୟାଗ୍‌ରେ ଟଙ୍କା ନ ଥିଲା।

# ସେବାୟତ-ଭାଜପା ନେତା ମୁହାଁମୁହିଁ

**ଚନ୍ଦନେଶ୍ୱରଙ୍କ ଆୟର ଉତ୍ସ ନିଲାମ ପ୍ରସଙ୍ଗ**

**ସ୍ଥଗିତ ରଖିଲେ ତହସିଲଦାର**

ଭୋଗରାଇ, ୨୮।୩(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡ଼କ ମେଳା ଚଳିତମାସ ୩୧ରୁ ଶୁଭାରମ୍ଭ ହେଉଥିବାବେଳେ ଜିଲା ପ୍ରଶାସନ, ଟ୍ରଷ୍ଟବୋର୍ଡ ଓ ସେବାୟତମାନଙ୍କ ପକ୍ଷରୁ ପ୍ରସ୍ତୁତି ବୈଠକ ଶେଷ ପର୍ଯ୍ୟାୟରେ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ପୂର୍ବାହ୍ଣ ୧୧ଟାରେ ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟକାରୀ ଅଧିକାରୀ ତଥା ତହସିଲଦାର ସୂର୍ଯ୍ୟକୁମାର ନାୟକ, ମହାଦେବଙ୍କ ମୁଖ୍ୟ ସେବାୟତ ମୌରସୀ ତପନ କୁମାର ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡାଙ୍କ ସମେତ ସମସ୍ତ ସେବାୟତ, ତାଳସାରୀ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ, ଶ୍ରଦ୍ଧାଳୁ ଓ ରାଜନେତାମାନେ ଉପସ୍ଥିତ ହୋଇ ମହାଦେବଙ୍କ ବର୍ଷ ଆୟର ଉତ୍ସ ଭାବେ ଗାଡି ପାର୍କିଂ, ବଜାର, ଜୋତାଷ୍ଟାଣ୍ଡ ଓ ହାକାଣ୍ଡ ପୋଖରୀ ନିଲାମ ହେବାକୁ ଏଜେଣ୍ଡା ତହସିଲଦାର ପାଠ କରୁଥିଲେ। ଏହି ସମୟରେ ଭାଜପା ନେତା ଦିଲୀପ କାମିଲାଙ୍କ ସମେତ ଅନ୍ୟ କେତେକ କର୍ମୀ ବିବାଦୀୟ ପ୍ରଶ୍ନ କରିବାରୁ ମହାଦେବଙ୍କ ମୁଖ୍ୟ ସେବାୟତ ମୌରସୀ ତପନ କୁମାର ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡା ମିଳିତ ଭାବେ ପ୍ରତିବାଦ କରିବାରୁ ଉଭୟପକ୍ଷରୁ ଦୀର୍ଘ ସମୟ କଥା କଟାକଟି, ଆରୋପ ଓ ପ୍ରତ୍ୟାରୋପ ହୋଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏଥିରେ ୨ପକ୍ଷ ମୁହାଁମୁହିଁ ହୋଇଥିଲେ। ସ୍ଥିତି ଅଶାନ୍ତ ହୋଇପଡିବାରୁ ତାଳସାରୀ ମେରାଇନ ଥାନାଧିକାରିଣୀ ଉଭୟପକ୍ଷଙ୍କୁ ଶାନ୍ତ ରହିବାକୁ ଉଦ୍ୟମ କରିଥିଲେ। ପରିସ୍ଥିତିକୁ ନଜରରେ ରଖି ତହସିଲଦାର ନିଲାମ ଉତ୍ସ ନିଲାମ ପ୍ରକ୍ରିୟାକୁ ଶୁକ୍ରବାର ସ୍ଥଗିତ ରଖିବାକୁ ଘୋଷଣା କରିଥିଲେ। ଉଭୟପକ୍ଷ ଚନ୍ଦନେଶ୍ୱରଙ୍କ ନାମରେ ଧ୍ୱନି ଦେଇ ସେଠାରୁ ଫେରିଥିଲେ।



ବୈଠକରେ ଉପୁଜିଥିବା ଉତ୍ତେଜନା।

## ଜଳେଶ୍ୱର ପୋଲିସ ତରଫରୁ ଶାନ୍ତି କମିଟି ବୈଠକ

ଜଳେଶ୍ୱର, ୨୮।୩(ନବୀନ ସାହୁ)- ବାଲେଶ୍ୱର ଜିଲା ଜଳେଶ୍ୱର ପୋଲିସ ପକ୍ଷରୁ ଶୁକ୍ରବାର ଇଦ୍ ଓ ଶ୍ରୀ ରାମନବମୀ ଉପଲକ୍ଷେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁ, ଜଳେଶ୍ୱର ଆଇଆଇସି ଜୟନ୍ତ ବେହେରା, ତହସିଲଦାର ସତ୍ୟଜିତ ମହାନ୍ତି, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ଉପସ୍ଥିତ ଥିଲେ। ହେବାକୁ ଥିବା ଶ୍ରୀରାମ ନବମୀର ରାଲି ଏବଂ ଇଦ୍ ଦିନ ପୌରପାଳିକା ଅଞ୍ଚଳରେ କ୍ଲିନିଂ ସହିତ, ପୌରପାଳିକା ତରଫରୁ ରାଲି ସମୟରେ ରାସ୍ତା କଡ଼ରେ ପାଣିର ବ୍ୟବସ୍ଥା ଏବଂ ରାମନବମୀ ଶୋଭାଯାତ୍ରା ସମୟରେ ଅପରାହ୍ଣରୁ ରାତି ୮ଟା ପର୍ଯ୍ୟନ୍ତ ଜଳେଶ୍ୱର ସହର ଭିତର ମଧ୍ୟକୁ ଭାରୀଯାନ ବନ୍ଦ ପାଇଁ କହିଥିଲେ। ଇଦ୍ ପାଇଁ ଜଳେଶ୍ୱରରେ ୬ଟି ମସଜିଦ୍ ଏବଂ ଗୋଟାଏ ଦରଘାରେ ଏହା ପାଳନ ହେବ। ଶେଷରେ ଉପସ୍ଥାପିତ ହୋଇଥିବା ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ଜଳେଶ୍ୱର ପୋଲିସ ଏବଂ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ। ଜଳେଶ୍ୱର ପୌରପାଳିକା ତରଫରୁ ରାମସେନା ସଂଘ ସଭାପତି ପବନ ସାହୁ, କାଉନସିଲର ମିର୍ ଆବାସ ଅଲ୍ଲୀ, କାଉନସିଲର ସୁରଜ୍ ଚୌରାଶିଆ, ସାମାଜିକ କର୍ମୀ କମଲ ଚକ୍ରବର୍ତ୍ତୀ, ଇସ୍କନ ତରଫରୁ ରାଧାଶ୍ୟାମ ଦାସ୍, ଇଦ୍ କମିଟିର ସଦସ୍ୟ ଅବଦୁଲ ରହିମ, ବଣିକ ସଂଘର ସଭାପତି ସୁଧୀର ମହାନ୍ତି ସହିତ ଜଳେଶ୍ୱର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ମା’ ସିଦ୍ଧବେଙ୍କଟେଇ ପୀଠରେ ବାର୍ଷିକ ଉତ୍ସବ



ସିଦ୍ଧ ବେକଟେଇ ପୀଠରେ ଅନୁଷ୍ଠିତ ଯଜ୍ଞ ।

ଖଇରା, ୨୮।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ମା’ ସିଦ୍ଧବେଙ୍କଟେଇଙ୍କ ପୀଠରେ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଦିବସବ୍ୟାପୀ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଦେବଦତ୍ତ ଶତପଥୀଙ୍କ ସମେତ ଅନ୍ୟ ୧୦ଜଣ ପଣ୍ଡିତଙ୍କ ଦ୍ୱାରା ଚଣ୍ଡିପାଠ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟକର୍ତ୍ତା ସୁରେଶ ଭୂୟାଁଙ୍କ ସମେତ ଅନ୍ୟ ୧୧ଜଣଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା। ଶ୍ୟାମସୁନ୍ଦର ଗ୍ରାମ କମିଟିର ସଭାପତି ଭାଗିରଥି ଦାସ, ଉପସଭାପତି ବିଜୟ କେତନ ନାୟକ, ସମ୍ପାଦକ ମାନସ ରଞ୍ଜନ ରାଉଳ, ସହ ସମ୍ପାଦକ ବାବାଜୀ ଚରଣ ମହାନ୍ତି, କୋଷାଧ୍ୟକ୍ଷ ଇନ୍ଦୁଭୂଷଣ ପ୍ରଧାନ, ସହ କୋଷାଧ୍ୟକ୍ଷ ରାମଚନ୍ଦ୍ର ବେହେରା, ସଦସ୍ୟ ବୁଦ୍ଧିରାମ ବୁଗୁଡାଇ, ଗଗନ ମହାନ୍ତି, କୃଷ୍ଣଚନ୍ଦ୍ର ସାହୁ ଓ ରାଧାକାନ୍ତ ରାଉଳ ପ୍ରମୁଖ ଯଜ୍ଞକର୍ମରେ ସହଯୋଗ କରିଥିଲେ।

# ଉପକୂଳରେ ମୃଦୁ କମ୍ପନ ଅନୁଭୂତ

ଭୋଗରାଇ, ୨୮।୩(ପ୍ରଦୀପ ଦାସ)

ମ୍ୟାନମାରରେ ହୋଇଥିବା ୨ଟି ଭୂମିକମ୍ପ ପ୍ରଭାବରେ ଓଡିଶା ସୀମାନ୍ତ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ମୃଦୁ କମ୍ପନ ଅନୁଭୂତ ହୋଇଥିଲା। ଏହି ଭୂକମ୍ପନ ପ୍ରଥମେ ପୂର୍ବାହ୍ଣ ୧୧ଟା ୫୦ ଓ ଅନ୍ୟ ଏକ ଭୂମିକମ୍ପ ୧୨ଟା ୩ ସେକେଣ୍ଡ ମଧ୍ୟରେ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭. ୭ ଓ ୭. ୧ ବୋଲି ଭୂବିଜ୍ଞାନୀମାନେ ଆକଳନ କରିଥିବା ବେଳେ ଏହାର ପ୍ରଭାବ ଉତ୍ତର ପୂର୍ବ ସମେତ ଓଡିଶା ସୀମାନ୍ତରେ ଅନୁଭୂତ ହୋଇଥିଲା। ମଧ୍ୟାହ୍ନରେ ବାଲେଶ୍ୱର ଜିଲା ସମେତ ପଶ୍ଚିମବଙ୍ଗ ଉପକୂଳବର୍ତ୍ତୀ ଜିଲାରେ ୧୧ ସେକେଣ୍ଡ ମଧ୍ୟରେ ୨ଟି ବୋମା ପଡିବା ଭଳି ପ୍ରଚଣ୍ଡ ଶବ୍ଦ ଶୁଣାଯାଇଥିଲା। ଏହି ସମୟରେ ଘରର ପଙ୍ଖା, ଝରକା, ଆସବାବପତ୍ର ଆଦି ହଲୁଥିବା ବେଳେ ପୋଖରୀରେ ପାଣି ହଲଚଲ ହେଉଥିବା ଜାଣି ଲୋକେ ଭୂମିକମ୍ପ ହେଉଛି ବୋଲି ଭୟରେ ଘରୁ ବାହାରକୁ ବାହାରି ଆସିଥିଲେ। ମୃଦୁ କମ୍ପନ ଯୋଗୁ ଦୀଘା-ତାଳସାରୀ ସମୁଦ୍ରର ଜୁଆର ୨ଫୁଟ ଉଚ୍ଚରେ କୂଳ ଆଡକୁ ମାଡିଆସିଥିଲା।

## ସିଂଲା ଥାନାରେ ନୂତନ ଥାନାଧିକାରିଣୀ

ଲଙ୍ଗଳେଶ୍ୱର, ୨୮।୩(କମଳାକାନ୍ତ ଦାସ)-ବାଲେଶ୍ୱର ଜିଲା ସିଂଲା ଥାନାରେ ନୂତନ ଥାନାଧିକାରିଣୀ ଭାବେ ଗୁରୁବାର କମଳିନୀ ତାଣ୍ଡି ଯୋଗ ଦେଇଛନ୍ତି। ପୂର୍ବତନ ଥାନାଧିକାରୀ ଭୁବନମୋହନ ସେଠୀଙ୍କ ଅନ୍ୟତ୍ର ବଦଳି ପରେ ଦୀର୍ଘ ୨ମାସ ଧରି ଥାନାଧିକାରୀ ପଦବୀ ଫାଙ୍କା ରହିଥିଲା।



## କିଶୋରୀ ବାଳିକା ଶିକ୍ଷା କାର୍ଯ୍ୟକ୍ରମ

ଝାରପୋଖରିଆ,୨୮।୩(ସୁଧିର କୁମାର ମହାନ୍ତ)- ଝାରପୋଖରିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର କିଶୋରୀ ବାଳିକା ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମ୍ଭକାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ବିକର୍ତ୍ତନ ବେହେରା, ସମ୍ମାନିତ ଅତିଥିଭାବେ ଖବରଦାତା ସୁଧୀର କୁମାର ମହାନ୍ତ, ଶିକ୍ଷକ ଜହରଲାଲ ରଣା, ଶିକ୍ଷୟିତ୍ରୀ ସିଲିସ୍ୱପ୍ନା ସାହୁ, ଶିକ୍ଷୟିତ୍ରୀ ରାଜେଶ୍ୱରୀ ହାଁସଦା ପ୍ରମୁଖ ଯୋଗଦେଇ ନାରୀ ଶିକ୍ଷା ଉପରେ ବକ୍ତବ୍ୟ ଦେଇଥିଲେ। ଶିକ୍ଷୟିତ୍ରୀ ରାଜେଶ୍ୱରୀ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଝାରପୋଖରିଆ,୨୮।୩(ସୁଧିର କୁମାର ମହାନ୍ତ): ଝାରପୋଖରିଆ ବମ୍ବେଛକସ୍ଥିତ ସୀମାନ୍ତ ମହାବିଦ୍ୟାଳୟ ପକ୍ଷରୁ +୩ର ୨୫୭ ଜଣ ଛାତ୍ରୀଙ୍କୁ ନେଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ପ୍ରଦ୍ୟୋତ କୁମାର ଶିବିରକୁ ଉଦ୍‌ଘାଟନ କରିଥିଲେ। ସୁରେଖା ପ୍ରଧାନ ଓ ଯୋଶଦାମଣି ସିଂ ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି। ମହାବିଦ୍ୟାଳୟର +୩ କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ସ୍ୱପ୍ନେଶ୍ୱରୀ ମୁର୍ମୁ, ଆଧାପିକା ଜୟନ୍ତୀ ସିଂ, ଅଧାପିକା ସୁପର୍ଣ୍ଣା ଦାସ ଶିବିର ସଂଚାଳନା କରିଥିଲେ। ତାଲିମ କ୍ଲବର ସଦସ୍ୟ ଶ୍ରଦ୍ଧାନନ୍ଦ ସାହୁ ସହଯୋଗ କରିଥିଲେ।

# ଅର୍ଥନୀତି ବିଭାଗର ପାଠଚକ୍ର

ବାଙ୍ଗିରିପୋଷି,୨୮।୩(ସଞ୍ଜୟ କୁମାର ଅଗ୍ରୱାଲା)

ବାଙ୍ଗିରିପୋଷିସ୍ଥିତ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ପାଠଚକ୍ର ଓ ବିଦାୟ ଉତ୍ସବ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ହରିହର ଶଙ୍ଖୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧକ୍ଷା ଡ. ପୁଷ୍ପା ପାତ୍ର, ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ନିର୍ମଳ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପକ ପରେଶ ଚନ୍ଦ୍ର ଦାଶ, ଇଂରାଜୀ ବିଭାଗର ଅଧାପିକା ଚିତ୍ତି ଦାସ ଯୋଗ ଦେଇଥିଲେ । +୩ ତୃତୀୟ ବର୍ଷର ଛାତ୍ରୀ ପାନମଣି ସୋରେନ ଭାରତରେ ଗ୍ରାମ୍ୟ ଋଣ କ୍ଷେତ୍ରରେ ପରିଲକ୍ଷିତ ହୋଇଥିବା ବିଭିନ୍ନ ସମସ୍ୟା ଉପରେ ନିବନ୍ଧ ପାଠ କରିଥିଲେ। ବିଦାୟୀ ଛାତ୍ରୀଛାତ୍ରମାନଙ୍କୁ ନିଜ ପ୍ରତିଭାର ବିକାଶ କରି ସୁମଣିଷ ହେବା ପାଇଁ ଅତିଥିମାନେ ଉପଦେଶ ଦେଇଥିଲେ। ସତ୍ୟବ୍ରତ ବେହେରା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ଅଙ୍କିତା, ଅର୍ଚ୍ଚନା, ଅନା, ହିସି, ସସ୍ମିତା, ଲିଜା, ମୋନାଲିସା, ସୁନମୁନ, ରଶ୍ମିତା, ସୁଜିତ, ବିଜୟ, ସୁଶାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ବିଦାୟୀ ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। + ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅଙ୍କିତା ମହାନ୍ତ ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

## ଉଦ୍ଭିଦ ବିଜ୍ଞାନ ବିଭାଗର ଅଭିଭାବକ-ଶିକ୍ଷକ ବୈଠକ

### ସରକାରୀ ମହିଳା ମହାବିଦ୍ୟାଳୟ

କେନ୍ଦୁଝର,୨୮।୩(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ. ଲଳିତ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ ବୁଧବାର ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ଛାତ୍ରୀମାନଙ୍କର ପ୍ରଗତି ଓ ଅନ୍ୟାନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ଅବସରରେ ଅଧକ୍ଷ ଛାତ୍ରୀଙ୍କ ସୁଦୃଢ଼ ଭବିଷ୍ୟତ ନିମନ୍ତେ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ରସାୟନ ବିଜ୍ଞାନର ବିଭାଗର ମୁଖ୍ୟ ଡ. ବିଷ୍ଣୁଚରଣ ଦାସ, ବିଭାଗର ମୁଖ୍ୟ ପ୍ରଫେସର ସୁରେଶ ଚନ୍ଦ୍ର ଜେନା ପିଲାଙ୍କ ଉପରେ ଚାପ ନ ପକାଇ ଶୈକ୍ଷିକ ବାତାବରଣ ସୃଷ୍ଟି କଲେ ପିଲାମାନେ ନିଶ୍ଚିତ ଭାବରେ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରିବେ ବୋଲି ଅଭିଭାବକ ଓ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅଧାପିକା ଡ. ଆଲ୍ପା ସରିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ପ୍ରୟୋଗଶାଳର ତତ୍ତ୍ୱାବଧାରିକା ଶୁଭଲକ୍ଷ୍ମୀ ସାହୁ ଓ ବିଭାଗର ସହାୟିକା ବିନତି ରାୟ ସଭା କାର୍ଯ୍ୟରେ ସହଯୋଗ କରିଥିଲେ। ଅଧାପକ ପ୍ରଫେସର୍ ଲିଟୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଯୁବ ନେତୃତ୍ୱ ଶିବିର

କେନ୍ଦୁଝର,୨୮।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଜାତୀୟ ସେବା ଯୋଜନା ୟୁନିଟ୍ ତରଫରୁ ଏକ ତ୍ରିଦିବସୀୟ ଯୁବ ନେତୃତ୍ୱ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବର ପ୍ରଥମ ସମ୍ମାନରେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବନଖଣ୍ଡ ମୁଖ୍ୟ ଅଧିକାରୀ ଏଚ୍‌ଡି ଧନରାଜ, ମୁଖ୍ୟ ବକ୍ତା ନିରୋଦ ବରଣ ଖୁଣ୍ଟିଆ, ସମ୍ମାନିତ ଅତିଥି ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡ଼. ପ୍ରଭୁପ୍ରସାଦ ଦାସ, ପ୍ରୋଗ୍ରାମ କୋଡିନେଟର ଡ଼. ସରିତା ନାୟକ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ସୁନୀଲ ସାହୁ ଏବଂ ଯୋଜନା ଅଧିକାରୀ ଦିନେଶ ମହାରଣାଙ୍କ ସମେତ ଜିଲାର ବିଭିନ୍ନ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।





ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

## ସାଇବର, ଆଇଟି ସେଲ୍ ସହାୟତାରେ ତଦନ୍ତ

**ହାତୀକୁ ଠେଙ୍ଗା ମାଡ଼ ଘଟଣା**

ପାଟଣା,୨୮।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲାରେ ହାତୀପଲଙ୍କୁ ଠେଙ୍ଗାରେ ମାଡ଼ ମାରିବା ସହ ହାତୀପଲଙ୍କୁ ବିରକ୍ତି କରିବାର ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଭିଡ଼ିଓ ପାଟଣା ବନାଞ୍ଚଳ କଣ୍ଟିଆପଡ଼ ଅଞ୍ଚଳର କୁହାଯାଉଥିବା ବେଳେ ଏଥିରେ ଜଣେ ଯୁବକ ହାତୀପଲଙ୍କ ପାଖକୁ ଯାଇ ହାତୀଙ୍କୁ ଠେଙ୍ଗାରେ ବାଡ଼ାଉଛନ୍ତି। ତାଙ୍କ ସହ ଆଉ କିଛି ଯୁବକ ମଧ ହାତୀପଲଙ୍କୁ ବିରକ୍ତି(ଚିଡାଉ ଥିବା) ଦେଖିବାକୁ ମିଳିଛି। ଭିଡିଓ ବହୁତ ଦିନ ପୂର୍ବର କୁହାଯାଉଥିବା ବେଳେ ଏଭଳି ଅନେକ ଭିଡିଓ ଭାଇରାଲ ହେଉଛି। ଘଟଣାରେ ଡିଏଫ୍‌ଓ ଧାନରାଜ ହନୁମନ୍ତ୍ ଧାମଧେର୍‌ଙ୍କୁ ପଚାରିବାରୁ ଭିଡିଓଟି କାଜୁ ଓ ୟୁକାଲି ପଟାସ ଜଙ୍ଗଲରେ ସୁଟିଂ ହୋଇଛି। ତେବେ ଶୁକ୍ରବାର ଭିଡିଓ କଣ୍ଟିଆପଡ଼ା ଅଞ୍ଚଳର ଆଲୋଚନା ହେବା ପରେ ତଦନ୍ତ ପାଇଁ ସାଇବର ସେଲ ଓ ଆଇଟିର ସାହାଯ୍ୟ ନିଆଯାଇଛି। ଯଦି ଉକ୍ତ ଅଞ୍ଚଳର ବୋଲି ପ୍ରମାଣିତ ଓ ଚିହ୍ନଟ ହେବ ତେବେ ୱାଇଲ୍ଡ ଲାଇଫ ଆକ୍ଟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

